# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA


- ହାତ-ଶଙ୍ଖ ଯଦି ଏକାଠି ହେବେ !
- ଗେରୁଆ ହେଉଛି କଟକର ବିଜେଡି ଦୁର୍ଗ
- ବିଧାୟକଙ୍କ 'ଗୁଳି'; ପିଏସ୍‌ଓଙ୍କୁ 'ବଳି'
- ବାଲେଶ୍ୱର: ରବୀନ୍ଦ୍ର-ପ୍ରତାପ ଛକାପଞ୍ଝା
- ଗୌତମବୁଦ୍ଧଙ୍କ ସାକ୍ଷାତକାର
- ଧର୍ମେନ୍ଦ୍ର 'ପାୱାର୍‌ଫୁଲ୍'



ଉତ୍କଳ ଦିବସ
ଅବସରରେ ଶୁଭେଚ୍ଛା ।
ବନ୍ଦେ ଉତ୍କଳ ଜନନୀ


PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-19 30 MARCH - 05 APRIL 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୧୯ ୩୦ ମାର୍ଚ୍ଚ - ୦୫ ଏପ୍ରିଲ୍ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର




ଗର୍ବିତ ଓଡ଼ିଆ




# ଶହେ ପୂରିବାକୁ ଅଧ କୋଡ଼ି

୧୮୬୬ର 'ନଅଙ୍କ ଦୁର୍ଭିକ୍ଷ' ଓଡ଼ିଆ ଜାତିକୁ ଅନେକ କିଛି ଶିଖାଇଥିଲା। ଗୋଟିଏ ପଟେ, କଙ୍କାଳସାର ମଣିଷର ଚିତ୍ର ସମସ୍ତଙ୍କ ଛାତି କୋରି ଦେଇଥିଲା। ଆରପଟେ, ମରିବ ପଛେ ଛତରରେ ଖାଇବନି ବୋଲି ଓଡ଼ିଆର ପଣ ଆମର ସ୍ୱାଭିମାନକୁ ପରିସ୍ଫୁଟିତ କରୁଥିଲା। ନଅଙ୍କ'ର ୧୬୦ ବର୍ଷ ପରେ, ସ୍ୱାଭିମାନ ମିଟରରେ ପ୍ରତିଟି ଓଡ଼ିଆ ନିଜକୁ ପରଖିବା ଦରକାର।

ନଅଙ୍କ ଦୁର୍ଭିକ୍ଷ ଏ ଜାତି ପାଇଁ ବରଦାନ ବି ଥିଲା । ମାନ୍ଦ୍ରାଜ, ବଙ୍ଗ, କେନ୍ଦ୍ରୀୟ ପ୍ରଦେଶରେ ବାଣ୍ଟି ହୋଇଯାଇଥିବାରୁ ଓଡ଼ିଆ ଜାତି ଭୟଙ୍କର ଦୁର୍ଭିକ୍ଷର ସାମ୍ନା କରିଥିଲା । ତେଣୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକାଠି କରିବା ପାଇଁ ତତ୍କାଳୀନ ସେକ୍ରେଟାରୀ ଅଫ ଷ୍ଟେଟ୍ ସାର୍ ଷ୍ଟାଫୋର୍ଡ଼ ନର୍ଥ କୋଟ୍ ପରାମର୍ଶ ଦେଇଥିଲେ । କିନ୍ତୁ ରାଜନୈତିକ ନେତୃତ୍ୱର ଅଭାବରୁ ଆମେ ଆଗେଇ ପାରିନଥିଲେ । ୧୮୮୨ରେ ମଧୁବାବୁଙ୍କ ଉତ୍କଳ ସଭା ସମ୍ମିଳନୀ ଓ ୧୯୦୩ର ଉତ୍କଳ ସମ୍ମିଳନୀ ଓଡ଼ିଆ ଜାତିକୁ ଏକାଠି କରିବାର ସଂକଳ୍ପ ନେଇଥିଲା । ଅନେକ ରାଜନୀତିକ, କୂଟନୀତିକ ଓ ପ୍ରଶାସନିକ ଲଢ଼େଇ ଭିତରେ ୧୯୩୬ ଅପ୍ରେଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା । ପ୍ରାଣୀର ସିନା ବୟସ ବଢ଼ିଲେ ଆୟୁଷ କମେ, ସେ ଦୁର୍ବଳ ହୁଏ ହେଲେ ଏକ ରାଜ୍ୟର ବୟସ ବଢ଼ିଲେ ତାହା ସମୃଦ୍ଧ ହୁଏ । ଚାହୁଁଚାହୁଁ ୯୦ ବର୍ଷ ବିତିଗଲା । ଶହେ ପୂରିବାକୁ ଆଉ ଦଶବର୍ଷ ବାକି । ତା'ଭିତରେ ସମୃଦ୍ଧ ଓଡ଼ିଶାର ପରିକଳ୍ପନାକୁ କାନ୍ଧେଇ ଏ ଜାତି ଓ ଏ ମାଟି ଆଗେଇଚାଲିଛି ।

ହେଲେ ସମୃଦ୍ଧିର ସଂଜ୍ଞା କ'ଣ, ଚକାଚକ୍ ରାସ୍ତା, ଉଚ୍ଚ ଅଟ୍ଟାଳିକା ଓ ନିଅନ ଆଲୁଅ ?

ନା, ସମୃଦ୍ଧ ମାନସିକତା, ସ୍ୱାଭିମାନ ଓ ଜାତିପ୍ରୀତି ? ଏ ପ୍ରଶ୍ନ ଓଡ଼ିଆଟେ ନିଜକୁ ପଚାରି ଆଗେଇଯାଉ...

ବନ୍ଦେ ଉତ୍କଳ ଜନନୀ

# ଜଳିଥିଲା ମଧୁବାବୁଙ୍କ କୁଶପୁତ୍ତଳିକା

୧୯୦୨ରେ କଂଗ୍ରେସର ଅହମ୍ମଦାବାଦ ଅଧିବେଶନରେ ମଧୁବାବୁ ଯୋଗ ଦେଇଥିଲେ। ବଙ୍ଗର ପ୍ରସିଦ୍ଧ ନେତା ସୁରେନ୍ଦ୍ରନାଥ ବାନାର୍ଜୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେହି ଅଧିବେଶନରେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ଗୋଟିଏ ଶାସନାଧୀନ କରିବାର ପ୍ରସ୍ତାବ ମଧୁବାବୁ ଆଗତ କରିବାକୁ ଇଚ୍ଛା ପ୍ରକାଶ କଲେ। ଏ ପ୍ରକାରର ପ୍ରସ୍ତାବ କଂଗ୍ରେସ ପରିସରର ବାହାର କଥା ବୋଲି ସଭାପତି କହିବାରୁ ମଧୁବାବୁ ନିରାଶ ହେଲେ। ଫଳରେ ୧୯୦୩ରେ ଉତ୍କଳ ସମ୍ମିଳନୀ ଆରମ୍ଭ କରି କଂଗ୍ରେସ ସହ ସମ୍ପର୍କ ଛିନ୍ନ କଲେ। ଏମାନଙ୍କ କଂଗ୍ରେସ ପ୍ରତି ଅବିଶ୍ୱାସ ଭାବ ଦିନକୁ ଦିନ ଅଧିକ ଦୃଢ଼ୀଭୂତ ହେଲା। ୧୯୧୫ ବେଳକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ କଂଗ୍ରେସ ନୁହେଁ, ବ୍ରିଟିଶ ଶାସକମାନଙ୍କର ସାହାଯ୍ୟ ଦରକାର ବୋଲି ସେମାନେ ଅନୁଭବ କଲେ। ସେମାନେ ସେହି ରଣନୀତିରେ ଆଗେଇଥିବାବେଳେ ଅନ୍ୟ କେତେକ ନେତା କଂଗ୍ରେସ ସହ ରହି ଇଂରେଜଙ୍କୁ ବିରୋଧ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଗାଏମୋଟ୍ କହିଲେ ମଧୁବାବୁଙ୍କୁ ତତ୍କାଳୀନ କଂଗ୍ରେସ ନେତା ବିରୋଧ କରିଥିଲେ। ଉତ୍କଳ ସମ୍ମିଳନୀ ଏକ ରାଜା-ଜମିଦାରଙ୍କର ଦଳ କହିବାକୁ ପଛାଇନଥିଲେ। ଏମିତିକି ୧୯୨୦ରେ ଚକ୍ରଧରପୁରଠାରେ ସଭା ଡକାଇ ଉତ୍କଳ ସମ୍ମିଳନୀକୁ ଭାଙ୍ଗି ଦେବାର ଘୋଷଣା କରିଦେଲେ। ଖାଲି ସେତିକି ନୁହେଁ, ଓଡିଆ ଜାତିର ଗର୍ବ ଉତ୍କଳ ଗୌରବ ମଧୁସୂଦନଙ୍କ ବିରୋଧରେ କୁତ୍ସାରଟନା କରିବା ଏବଂ ତାଙ୍କର କୁଶ ପୁତ୍ତଳିକା ଦାହ କରିବାକୁ ପଛାଇନଥିଲେ। ହେଲେ ମଧୁସୂଦନ ଭାଙ୍ଗି ପଡିନଥିଲେ, କିନ୍ତୁ ନୀରବ ହୋଇ ଯାଇଥିଲେ। ଗୋପବନ୍ଧୁ ଦାସ କଂଗ୍ରେସକୁ ମଜବୁତ୍ କରିବାକୁ ଚାହୁଁଥିବାରୁ ଗାନ୍ଧୀଜୀଙ୍କୁ ଓଡ଼ିଶାକୁ ଆସିବା ପାଇଁ ନିମନ୍ତ୍ରଣ କରିଥିଲେ। ଗାନ୍ଧୀଜୀ ଅନୁଧ୍ୟାନ କଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଦାବିକୁ ଯଦି କଂଗ୍ରେସ ସମର୍ଥନ ନକରେ ତେବେ ଓଡ଼ିଶାରେ ମଜବୁତ୍ ହୋଇପାରିବ ନାହିଁ । ତେଣୁ ଗାନ୍ଧିଜୀ ଓଡିଆ ଭାଷାଭାଷୀମାନଙ୍କ ଏକାଠି ହେବା କଥାକୁ ନୈତିକ ସମର୍ଥନ ଦେବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ସେ ଦିଗରେ କଂଗ୍ରେସ କିନ୍ତୁ କୌଣସି ବିଧିବଦ୍ଧ ପଦକ୍ଷେପ ନେଇନଥିଲା। କଂଗ୍ରେସ ନେତା ମୋତିଲାଲ ନେହେରୁ କଂଗ୍ରେସ କମିଟିରେ ବିଭିନ୍ନ ଆଳ ଦେଖାଇ ଓଡିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣରେ ବାଧା ସୃଷ୍ଟି କଲେ। ଡିସେମ୍ବର ୧୯୨୮ରେ ମୋତିଲାଲଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି କଲିକତାରେ ବସି ନେହେରୁ ରିପୋର୍ଟ ପ୍ରକାଶ ପାଇଲା । ଏଥିରେ ବମ୍ବେ ପ୍ରଦେଶରୁ ସିନ୍ଧୁକୁ ଅଲଗା କରାଯାଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ସୁପାରିଶ କରାଗଲା। ସେହିପରି କର୍ଣ୍ଣାଟକ ଗଢ଼ାଯିବ ବୋଲି ନିଷ୍ପତ୍ତି ନିଆଗଲା । ମାତ୍ର ଓଡିଶା କଥା ଉଠିବା ବେଳକୁ ଅନେକ ତାଚ୍ଛଲ୍ୟ ସହ୍ୟ କରିବାକୁ ହୋଇଥିଲା। ସୁଭାଷ ବୋଷଙ୍କ ହସ୍ତକ୍ଷେପ ଫଳରେ ଯେଉଁ ଶବ୍ଦ ସବୁ ଏହି ପ୍ରସ୍ତାବରେ ଯୋଡା ଗଲା ତାହା ମଧ୍ୟ ନୈରାଶ୍ୟଜନକ ଥିଲା । ଏଥିରେ କୁହାଗଲା ଆୟବ୍ୟୟ ସମତୁଲ ହେଲେ ଓ ଓଡିଶା ଲୋକେ ବ୍ୟୟଭାର ତୁଲାଇବା ପାଇଁ କର ଦେଲେ, ବିଭିନ୍ନ ପ୍ରଦେଶରେ ଥିବା ଓଡିଶା ଅଞ୍ଚଳକୁ ନେଇ ଓଡିଶା ପ୍ରଦେଶ ଗଠନ କରାଯିବ। ତଥାପିବି ସୁଭାଷ ଚନ୍ଦ୍ର ବୋଷ ସ୍ୱତନ୍ତ୍ର ଓଡିଶା ପ୍ରଦେଶ କଥା ଉଠାଇନଥାନ୍ତେ, ତେବେ ଏହା ମଧ୍ୟ ଆଲୋଚନା ପରିସରଭୁକ୍ତ ହୋଇ ନଥାନ୍ତା । ଏହି ଐତିହାସିକ ସତ୍ୟଟିକୁ ସ୍ୱୀକାର କରିବାକୁ ହୁଏଯେ, କଂଗ୍ରେସ ଭାଷାଭିତ୍ତିକ ଓଡିଆ ମିଶ୍ରଣକୁ ଏଡାଇ ଚାଲିବା ପଛରେ ଦକ୍ଷିଣରେ ତେଲେଙ୍ଗା, ଉତ୍ତରରେ ବଙ୍ଗାଳୀ ଓ ବିହାରୀ କଂଗ୍ରେସ ନେତାମାନଙ୍କର ହାତ ରହିଥିଲା ।



ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।




## ବାବା ଅବ୍ଜର୍ଭାନନ୍ଦ

ଲୋକଙ୍କ ଆଗରେ ଜୈନ ବିଧାୟକ
ଫୁଟାଇଲେ ଯେବେ ଗୁଳି,
ପିଏସଓ ବିଚରା ମାଗଣା ଫସିଲେ
ପଡ଼ିଗଲେ ସିଏ ବଳି ।

ବଡ଼ ମେଡିକାଲ ନିଆଁ ଲାଗି ପରା
ମରିଗଲେ ରୋଗୀ କେତେ,
ମନ୍ତ୍ରୀଙ୍କୁ ମିଳିଲା କ୍ଲିଇନ୍ ଚିଟ୍ ତଳିଆ
ଖାଇଲେ ନାତେ ।

ଲୋକେ ବୁଲୁଛନ୍ତି ଦୋକାନ ଦୋକାନ
ଖାଲି ସିଲିଣ୍ଡର ଧରି,
ମନ୍ତ୍ରୀ କହୁଛନ୍ତି ଏତେ ରଖିଛୁ ଯେ
ପାରିବେନି କେହି ସାରି ।

ଚାଷୀ ବାପୁଡ଼ା ଯେ ମଣ୍ଡିରେ ଶୋଇଛି
ବିକି ପାରୁନାହିଁ ଧାନ,
ସୁଭଦ୍ରା ଛେଳିରେ କୋଟିପତି ହୁଅ
ଦେଉଛନ୍ତି ପୁଣି ଜ୍ଞାନ ।

କମ୍ପାନୀ ପଳାନ୍ତି ଅନ୍ୟ ରାଇଜକୁ
ଓଡ଼ିଶାକୁ ମୋଡ଼ି ମୁହଁ,
ଟ୍ରିପଲ ଇଞ୍ଜିନ ଦେଖିପାରୁନି କି
ମହାନଦୀ ଆଖି ଲୁହ ।

କେତେ ଦିନ ଆଉ ପୂର୍ବ ସରକାର
ଦୋଷ ଦେଉଥିବ କୁହ,
ସିଏ ତ ମୁତୁରୀ ତମେ ତ ମୁତୁରୀ
ହେଂସ କିସ ପାଇଁ ଧୁଅ ।

ସତରେ ଲୋକଙ୍କ ସରକାର ଯଦି
ଥରୁଟେ ବିଚାର କର,
ବଡ଼ଦାଣ୍ଡେ ଜଗାକାଳିଆ ଆଗରେ
କାହିଁକି କହିଲେ ଚୋର ।



**ରାଜ୍ୟ ରାଜନୀତିର ମୋଡ଼ ବଦଳୁଛି । ଏପଟକୁ ଉଣ୍ଡିଲେ ବିଜେଡ଼ି ନେତାଙ୍କୁ ପୋଚିଂ କରି ବିଜେପି ବଳୁଆ ହେଉଛି । ସେପଟକୁ ଉଣ୍ଡିଲେ ବିଜେଡ଼ି ଓ କଂଗ୍ରେସ ମଧ୍ୟରେ ଧିରେଧିରେ ପ୍ରେମ ଜମାଟ ବାନ୍ଧୁଛି । ଆଜିକା ଦିନରେ ରାଜ୍ୟର ଦି ଡଜନ ଆସନରେ 'ହାତ' ଏକାକୀ ଜିତିବା ସ୍ଥିତିରେ ନଥିଲେବି, 'ଶଙ୍ଖ' ସହ ମିଶିଗଲେ 'ପଦ୍ମଫୁଲ'କୁ ପାଣି ପିଆଇଦେବ ।**

**୨୦୨୪ ବିଧାନସଭା ଅଙ୍କ ଆଧାରରେ ଆମର ଅନୁଶୀଳନ ।**

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

# ହାତ-ଶଙ୍ଖ

# ଯଦି ଏକାଠି ହେବେ...

(ବି.ଦ୍ର: ପଲିଟିକାଲ ୱାରରୁମ୍‌ରେ 'ଯଦି'କୁ ନେଇ ହିଁ ଅଙ୍କ କଷାଯାଏ)

## ବିଜେପି ହାତରୁ ଖସିଯିବ...

### ବିଜେପୁର

ବିଜେପି ବିଧାୟକ ସନତ ଗଡ଼ତିଆ ୯୩୧୬୧ ଖଣ୍ଡ ଭୋଟ୍ ପାଇଛନ୍ତି । ବିଜେଡ଼ି ଓ କଂଗ୍ରେସର ଭୋଟ୍ ମିଶିଲେ ୯୮୮୦୨ ହେଉଛି । ଯାହାକି ବିଜେପି ଠାରୁ ୫୬୪୧ ଅଧିକ ।

### ବରଗଡ଼

ବିଜେପି ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ୭୭୭୬୬ ଖଣ୍ଡ ଭୋଟ୍ ପାଇଛନ୍ତି । ଯେତେବେଳେକି ବିଜେଡ଼ି ଓ କଂଗ୍ରେସର ଭୋଟ୍ ମିଶିଲେ ତାହା ୮୩ ହଜାର ଟପିଯାଉଛି । ବିଜେପି ଠାରୁ ବିଜେଡ଼ି ଓ କଂଗ୍ରେସର ମିଳିତ ଭୋଟ ୫୫୦୦ ଅଧିକ ଅଛି ।

### ଝାରସୁଗୁଡ଼ା

ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ୯୧୧୦୫ ଖଣ୍ଡ ଭୋଟ୍ ମିଳିଛି । ସେଠାରେ ବିଜେଡ଼ି ଓ କଂଗ୍ରେସର ମୋଟ୍ ଭୋଟ୍ ୯୫୫୪୭ । ଅତଏବ ବିରୋଧୀଙ୍କ ଭୋଟ୍ ବିଜେପି ଠାରୁ ୪୪୪୨ ଖଣ୍ଡ ଅଧିକ ।

### ତଳସରା

ବିଜେପି ବିଧାୟକ ଭବାନୀ ଶଙ୍କର ଭୋଇଙ୍କୁ ମିଳିଥିଲା ୬୮୯୨୮ ଖଣ୍ଡ ଭୋଟ୍ । ବିଜେଡ଼ି ଓ କଂଗ୍ରେସର ମିଳିତ ଭୋଟ୍ ହେଉଛି ୮୭୦୦୧ । ଯାହାକି ବିଜେପି ଠାରୁ ୧୮୦୭୩ ଖଣ୍ଡ ଅଧିକ ।

### ରଘୁନାଥପଲ୍ଲୀ

ବିଜେପି ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କୁ ୫୧୧୮୯ ଖଣ୍ଡ ଭୋଟ୍ ମିଳିଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୬୨୪୫୩ ଭୋଟ୍ ମିଳିଥିଲା । ଯାହାକି ବିଜେପି ଠାରୁ ୧୧୨୬୪ ଅଧିକ ରହିଛି ।

### ସମ୍ବଲପୁର

ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କୁ ମିଳିଥିଲା ୫୯୮୨୭ ଖଣ୍ଡ । ଯେତେବେଳେକି ବିଜେଡ଼ିକୁ ୫୫୭୨୨ ଓ କଂଗ୍ରେସକୁ ୧୦୨୬୫ ଖଣ୍ଡ ଭୋଟ୍ ମିଳିଥିଲା । ଦୁଇ ବିରୋଧୀଙ୍କ ଭୋଟ୍ ବିଜେପି ଠାରୁ ୬୧୬୦ ଖଣ୍ଡ ଅଧିକ ।

ଗର୍ବିତ ଓଡ଼ିଆ

## ତେଲକୋଇ

ବିଜେପି ବିଧାୟକ ଡକ୍ଟର ଫକୀର ମୋହନ ନାୟକଙ୍କୁ ୮୩୮୧୮ ଖଣ୍ଡ ଭୋଟ୍ ମିଳିଥିଲା । ସେଠାରେ କଂଗ୍ରେସ ଓ ବିଜେଡ଼ି ମିଳିତ ଭାବେ ୮୫୭୭୪ ଭୋଟ୍ ପାଇଥିଲେ । ଯାହାକି ବିଜେପି ଠାରୁ ମାତ୍ର ୧୯୫୬ ଅଧିକ ।

## କେନ୍ଦୁଝର

ବିଜେପି ବିଧାୟକ ମୋହନ ଚରଣ ମାଝୀ ୮୭୮୧୫ ଖଣ୍ଡ ଭୋଟ୍ ପାଇଥିଲେ । ବିଜେଡ଼ି ଓ ବିଜେପିକୁ ମିଳିଥିଲା ୮୮୧୪୨ ଭୋଟ୍ । ଯାହାକି ବିଜେପି ଠାରୁ ମାତ୍ର ୩୨୭ କମ୍ ।

## ସାରସକଣା

ବିଜେପି ବିଧାୟକ ଭାଦବ ହାଁସଦା ୫୯୩୮୭ ଭୋଟ୍ ପାଇଥିଲେ । ସେଠାରେ ବିଜେଡ଼ି ଓ କଂଗ୍ରେସର ମିଳିତ ଭୋଟ୍ ହେଉଛି ୬୫୩୬୯ । ବିଜେପି ଠାରୁ ତାହା ୫୯୮୨ ଅଧିକ ।

## ରାଇରଙ୍ଗପୁର

ବିଜେପି ବିଧାୟକ ଜଲେନ ନାଏକ ପାଇଥିଲେ ୬୨୭୨୪ ଭୋଟ୍ । ବିଜେଡ଼ି ଓ କଂଗ୍ରେସର ମିଳିତ ଭୋଟ୍ ଥିଲା ୭୯୨୫୫ । ଅତଏବ ବିଜେପି ଠାରୁ ବିରୋଧୀ ୧୬୫୩୧ ଭୋଟ୍ ଅଧିକ ପାଇଥିଲେ ।

## ଉଦଳା

ବିଜେପି ବିଧାୟକ ଭାସ୍କର ମଢ଼େଇ ପାଇଥିଲେ ୬୬୪୦୧ ଭୋଟ୍ । ସେଠାରେ ବିଜେଡ଼ି ଓ କଂଗ୍ରେସକୁ ୭୫୭୪୧ ଭୋଟ୍ ମିଳିଥିଲା । ଯାହାକି ବିଜେପି ଠାରୁ ୯ ହଜାର ଅଧିକ ।

## ଭଦ୍ରକ

ବିଜେପି ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କୁ ୮୨୨୮୨ ଖଣ୍ଡ ଭୋଟ୍ ମିଳିଥିବାବେଳେ ବିଜେଡ଼ି ଓ କଂଗ୍ରେସ ମିଳିତ ଭାବେ ୧୦୯୭୭୧ ଖଣ୍ଡ ଭୋଟ୍ ପାଇଛନ୍ତି

## ବଡ଼ଚଣା

ବିଜେପି ବିଧାୟକ ଅମର କୁମାର ନାୟକଙ୍କୁ ମିଳିଥିଲା ୭୧୯୨୬ ଖଣ୍ଡ ଭୋଟ୍। ବିଜେଡ଼ି ଓ କଂଗ୍ରେସ ଭୋଟ୍ ମିଶିଲେ ତାହା ୩୧୬ ଖଣ୍ଡ ଅଧିକ ।

## କୋରେଇ

ବିଜେପି ବିଧାୟକ ଆକାଶ ଦାସ ନାୟକଙ୍କୁ ୭୯୬୫୮ ଭୋଟ୍ ମିଳିଥିଲା । ବିଜେଡ଼ି ଓ କଂଗ୍ରେସକୁ ମିଳିଥିଲା ୮୨୧୮୯ ଭୋଟ୍ । ଯାହାକି ବିଜେପି ଠାରୁ ମାତ୍ର ୨୫୩୧ ଅଧିକ ।

## ବୀରମହାରାଜାପୁର

ବିଜେପି ବିଧାୟକ ରଘୁନାଥ ଜଗଦଲାଙ୍କୁ ମିଳିଥିଲା ୮୫୬୮୦ ଭୋଟ୍ । ସେଠାରେ ବିଜେଡ଼ି ଓ କଂଗ୍ରେସ ପାଇଥିଲେ ୮୬୩୧୦ ଭୋଟ୍ । ଯାହାକି ବିଜେପି ଠାରୁ ୬୩୦ ଖଣ୍ଡ ଅଧିକ ।

## ଲୋଇସିଂହା

ବିଜେପି ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ମିଳିଥିଲା ୮୩୩୧୩ ଖଣ୍ଡ ଭୋଟ୍ । ଯେତେବେଳେକି ବିଜେଡ଼ି ଓ କଂଗ୍ରେସ ୯୭୩୭୨ ଭୋଟ୍ ପାଇଥିଲେ । ବିଜେପି ଠାରୁ ତାହା ୧୪ ହଜାର ଅଧିକ ରହିଥିଲା ।

## ପାଟଣାଗଡ଼

ବିଜେପି ବିଧାୟକ କନକବର୍ଦ୍ଧନ ସିଂହଦେଓଙ୍କୁ ମିଳିଥିଲା ୯୩୮୨୩ ଭୋଟ୍ । ବିଜେଡ଼ି ଓ କଂଗ୍ରେସ ମିଳିତ ଭାବେ ୧୧୯୦୧୫ ଖଣ୍ଡ ଭୋଟ୍ ପାଇଥିଲେ । ଯାହାକି ବିଜେପି ଠାରୁ ୨୫୧୯୨ ଖଣ୍ଡ ଅଧିକ ।

## ଟିଟିଲାଗଡ଼

ବିଜେପି ବିଧାୟକ ନବୀନ କୁମାର ଜୈନ ପାଇଥିଲେ ୯୭୮୫୪ ଭୋଟ୍ । ବିଜେଡ଼ି ଓ କଂଗ୍ରେସକୁ ମିଳିତ ଭାବେ ୯୮୫୫୨ ଭୋଟ୍ ମିଳିଥିଲା । ବିଜେପି ଠାରୁ ତାହା ମାତ୍ର ୬୯୮ ଭୋଟ୍ ଅଧିକ ।

## କଣ୍ଟାବାଞ୍ଜି

ବିଜେପି ବିଧାୟକ ଲକ୍ଷ୍ମଣ ବାଗ ୯୦୮୭୬ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସ ପାଇଥିଲେ ୧୦୧୩୭୧ ଭୋଟ୍ । ବିଜେପି ଠାରୁ ବିରୋଧୀଙ୍କ ଭୋଟ୍ ୧୦୪୯୫ ଅଧିକ ।

## ଉମରକୋଟ୍

ବିଜେପି ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ ୭୦୧୭୦ ଭୋଟ୍ ମିଳିଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୮୪୮୨୩ ଭୋଟ୍ ମିଳିଥିଲା । ଯାହାକି ବିଜେପିଠୁ ୧୪୬୫୩ ଅଧିକ ।

## ଝରିଗାଁ

ବିଜେପି ବିଧାୟକ ନରସିଂହ ଭାତ୍ରାଙ୍କୁ ୭୬୭୪୮ ଖଣ୍ଡ ଭୋଟ୍ ମିଳିଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୯୯୦୪୭ ଖଣ୍ଡ ଭୋଟ୍ ମିଳିଥିଲା । ଯାହାକି ବିଜେପି ଠାରୁ ୨୨୨୯୯ ଖଣ୍ଡ ଅଧିକ।

## ନବରଙ୍ଗପୁର

ବିଜେପି ବିଧାୟକ ଗୌରୀଶଙ୍କର ମାଝୀଙ୍କୁ ୯୦୮୯୫ ଖଣ୍ଡ ଭୋଟ୍ ମିଳିଥିବାବେଳେ ବିଜେଡ଼ି ଓ କଂଗ୍ରେସର ମୋଟ୍ ଭୋଟ୍ ହେଉଛି ୧୦୬୦୭୨। ବିଜେପିଠୁ ବିରୋଧୀଙ୍କର ୧୫୧୭୭ ଖଣ୍ଡ ଅଧିକ ଭୋଟ୍ ରହିଛି ।

## ଧର୍ମଗଡ଼

ବିଜେପି ବିଧାୟକ ସୁଧିର ରଞ୍ଜନ ପାଟଯୋଶୀ ୮୭୮୯୦ ଖଣ୍ଡ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୧୧୦୨୩୨ ଭୋଟ୍ ମିଳିଥିଲା । ଯାହାକି ବିଜେପି ଠାରୁ ୨୨୩୪୨ ଖଣ୍ଡ ଅଧିକ ।

## ଫୁଲବାଣୀ

ବିଜେପି ବିଧାୟକ ଉମାଚରଣ ମଲ୍ଲିକ ୫୩୯୦୦ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ମିଳିଥିଲା ୭୪୩୭୦ ଭୋଟ୍ । ଯାହାକି ବିଜେପି ଠାରୁ ୨୦୪୭୦ ଅଧିକ ।

## କଣ୍ଟାମାଳ

ବିଜେପି ବିଧାୟକ କହ୍ନେଇ ଚରଣ ଡାଙ୍ଗ ୬୮୩୫୬ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସ ୬୮୯୦୧ ଭୋଟ୍ ପାଇଥିଲେ । ଯାହାକି ବିଜେପି ଠାରୁ ମାତ୍ର ୫୪୫ ଅଧିକ ।

## ବୌଦ୍ଧ

ବିଜେପି ବିଧାୟକ ସରୋଜ କୁମାର ପ୍ରଧାନ ୬୨୪୯୪ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସ ୬୯୧୯୭ ଖଣ୍ଡ ଭୋଟ୍ ପାଇଥିଲେ । ବିଜେପି ଠାରୁ ବିରୋଧୀ ୬୭୦୩ ଖଣ୍ଡ ଅଧିକ ଭୋଟ୍ ପାଇଥିଲା ।

## ନିଆଳୀ

ବିଜେପି ବିଧାୟକ ଛବି ମଲ୍ଲିକ ୯୦୧୯୧ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୯୫ ହଜାରରୁ ଅଧିକ ଭୋଟ୍ ମିଳିଥିଲା । ଦୁଇ ପ୍ରମୁଖ ବିରୋଧୀଙ୍କ ଭୋଟ୍ ସେଠାରେ ୫ ହଜାର ଅଧିକ ।

## କଟକସଦର

ବିଜେପି ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ୭୯୫୪୨ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୮୨୭୪୩ ଭୋଟ୍ ମିଳିଥିଲା । ବିଜେପିଠାରୁ ଦୁଇ ଦଳର ଭୋଟ୍ ୩୨୦୧ ଅଧିକ।

## ନିମାପଡ଼ା

ବିଜେପି ବିଧାୟିକା ପ୍ରଭାତୀ ପରିଡ଼ା ୯୫୪୩୦ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସ ୯୭୯୦୮ ଭୋଟ୍ ପାଇଥିଲେ । ବିଜେପି ଠାରୁ ବିରୋଧୀଙ୍କ ଭୋଟ୍ ୨୪୭୮ ଅଧିକ ରହିଥିଲା ।

## ଏକାମ୍ର-ଭୁବନେଶ୍ୱର

ବିଜେପି ବିଧାୟକ ବାବୁ ସିଂ ୭୪୮୮୪ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସ ୭୫୩୪୩ ଭୋଟ୍ ପାଇଥିଲେ। ବିରୋଧୀଙ୍କ ମିଳିତ ଭୋଟ୍ ବିଜେପିଠାରୁ ମାତ୍ର ୪୫୯ ଅଧିକ।

## କୋଟପାଡ଼

ବିଜେପି ବିଧାୟକ ରୂପୁ ଭାତ୍ରା ୭୫୨୭୫ ଭୋଟ୍ ପାଇଥିଲେ। ଯେତେବେଳେକି ଦୁଇ ବିରୋଧୀଙ୍କୁ ମିଳିଥିଲା ୯୩୮୫୧ ଭୋଟ୍। ବିଜେପି ୧୮୫୭୬ ଭୋଟ୍ ପଛରେ ରହିଥିଲା।

## କୋରାପୁଟ

ବିଜେପି ବିଧାୟକ ରଘୁନାଥ ମାଛଙ୍କୁ ୪୬୮୦୫ ଭୋଟ୍ ମିଳିଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୮୬୫୩୭ ଭୋଟ ମିଳିଥିଲା। ଯାହା ବିଜେପିଠାରୁ ୩୯୭୩୨ ଅଧିକ ।

## ମାଲକାନଗିରି

ବିଜେପି ବିଧାୟକ ୭୮୬୭୯ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୯୮୪୭୭ ଭୋଟ୍ ମିଳିଥିଲା । ବିଜେପି ଠାରୁ ବିରୋଧୀ ୧୯୭୯୮ ଅଧିକ ଭୋଟ ପାଇଥିଲେ।



ODIA WEEKLY GARVIT ODIA

# ତଥାପି ବିଜେପି ମଜବୁତ୍

## ଅତାବିରା

ବିଜେପି ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କୁ ମିଳିଥିଲା ୯୯୪୮୭ ଖଣ୍ଡ ଭୋଟ୍। ବିଜେଡ଼ି ଓ କଂଗ୍ରେସର ମୋଟ୍ ଭୋଟ୍ ଥିଲା ୭୬୬୪୨। ଅର୍ଥାତ୍ ଅତାବିରାରେ ଦୁଇ ବିରୋଧୀ ଦଳଠାରୁ ଶାସକ ଦଳର ପଲା ଢ଼େର ଭାରିରହିଛି। ୨୨୮୪୫ ବ୍ୟବଧାନ ଛୋଟିଆ କଥା ନୁହେଁ।

## ଭଟଲି

ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କୁ ମିଳିଥିଲା ୧୦୭୫୦୮ ଭୋଟ୍ । ବିଜେଡ଼ି ଓ କଂଗ୍ରେସର ଭୋଟ୍ କିନ୍ତୁ ୮୪୨୩୦ରେ ଅଟକି ଯାଇଥିଲା। ଉଭୟଙ୍କ ଭୋଟ୍ ମିଶିଲେବି ବିଜେପି ଠାରୁ ୨୩୨୭୮ ଖଣ୍ଡ କମ୍ ରହିବ ।

## ବ୍ରଜରାଜନଗର

ବିଜେପି ବିଧାୟକ ସୁରେଶ ପୂଜାରୀ ପାଇଥିଲେ ୮୨୧୯୯ ଭୋଟ୍ । ବିଜେଡ଼ି ଓ କଂଗ୍ରେସର ଭୋଟ୍ ମିଶାଇଲେ ୭୭୨୧୯ ହେଉଛି । ଯାହାକି ବିରୋଧୀଙ୍କ ଠାରୁ ୪୯୮୦ ଖଣ୍ଡ ଅଧିକ ।

## କୁଚିଣ୍ଡା

ବିଧାୟକ ରବି ନାରାୟଣ ନାୟକ ପାଇଥିଲେ ୯୫୭୧୬ ଭୋଟ୍ । ସେଠାରେ ବିଜେଡ଼ି ଓ କଂଗ୍ରେସକୁ ମୋଟ୍ ୮୪୭୮୧ ଭୋଟ୍ ମିଳିଥିଲା । ଅର୍ଥାତ୍ ଦୁଇ ଦଳର ଭୋଟ୍ ମିଶିଲେବି ତାହା ବିଜେପି ଠାରୁ ପ୍ରାୟ ୧୧ ହଜାର କମ୍ ।

## ପାଟନା

ବିଜେପି ବିଧାୟକ ଅଖିଳ ଚନ୍ଦ୍ର ନାୟକ ୯୭୦୪୧ ଖଣ୍ଡ ଭୋଟ୍ ପାଇଥିଲେ। ଯେତେବେଳେକି ବିଜେଡ଼ି ଓ କଂଗ୍ରେସର ମିଳିତ ଭୋଟ୍ ଥିଲା ୬୮୯୩୩ । ଦୁଇ ଦଳର ଭୋଟ୍ ମିଶିବା ପରେବି ବିଜେପି ଠାରୁ ୨୮୧୦୮ କମ୍।

## ଯଶୀପୁର

ବିଜେପି ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆଙ୍କୁ ମିଳିଥିଲା ୮୫୩୮୪ ଭୋଟ୍। ଯାହାକି ବିଜେଡ଼ି ଓ କଂଗ୍ରେସର ମୋଟ୍ ଭୋଟ୍‌ଠାରୁ ୧୬୫୦୦ ଅଧିକ ।

## ବାଙ୍ଗିରିପୋଷୀ

ବିଜେପି ବିଧାୟିକା ସଞ୍ଜଳି ମୁର୍ମୁଙ୍କୁ ମିଳିଥିଲା ୮୭୮୦୧ ଭୋଟ୍ । ବିଜେଡ଼ି ଓ କଂଗ୍ରେସକୁ ମିଳିଛି ୬୬୪୧୦ ଭୋଟ୍। ବିଜେପିର ଭୋଟ୍ ସେଠାରେ ମିଳିତ ବିରୋଧୀଙ୍କ ଠାରୁ ୨୧ ହଜାର ଅଧିକ ରହିଛି ।

## କରଞ୍ଜିଆ

ବିଜେପି ବିଧାୟକ ପଦ୍ମଚରଣ ହାଇବ୍ରୁ ପାଇଥିଲେ ୬୫୩୫୭ ଭୋଟ୍ । ସେଠାରେ ବିଜେଡ଼ି ଓ କଂଗ୍ରେସର ମିଳିତ ଭୋଟ୍ ଥିଲା ୬୧୩୨୯। ଅର୍ଥାତ୍ ମିଳିତ ବିରୋଧୀଙ୍କ ଠାରୁ ବିଜେପିର ଭୋଟ୍ ୪୦୨୮ ଅଧିକ ରହିଛି ।

## ବଡ଼ସାହି

ବିଜେପି ବିଧାୟକ ସନାତନ ବିଜୁଳିଙ୍କୁ ୮୩୨୭୬ ଭୋଟ୍ ମିଳିଥିଲା । ଯେତେବେଳେକି ବିଜେଡ଼ି ଓ କଂଗ୍ରେସ ପାଇଥିଲେ ୫୪୬୨୭ ଭୋଟ୍ । ତଥାପିବି ବିଜେପି ଭୋଟ୍ ୧୮୬୪୯ ଅଧିକ ରହିଛି ।

## ବାରିପଦା

ବିଜେପି ବିଧାୟକ ପ୍ରକାଶ ସୋରେନ ପାଇଥିଲେ ୭୮୨୭୨ ଭୋଟ୍ । ବିଜେଡ଼ି ଓ କଂଗ୍ରେସକୁ ମିଳିଥିଲା ୭୪୫୧୩ ଭୋଟ୍ । ସେଠାରେ ମିଳିତ ବିରୋଧୀଙ୍କ ଠାରୁ ବିଜେପିର ଭୋଟ୍ ୩୭୫୯ ଅଧିକ ରହିଛି ।

## ମୋରଡ଼ା

ବିଜେପି ବିଧାୟକ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ମିଳିଥିଲା ୭୭୯୮୦ ଭୋଟ୍। ସେଠାରେ ବିଜେଡ଼ି ଓ କଂଗ୍ରେସ ମିଳିତ ଭାବେ ୭୨୫୯୬ ଭୋଟ୍ ପାଇଛନ୍ତି। ଯାହାକି ବିଜେପି ଠାରୁ ବି ୫୩୮୪ କମ୍ ରହିଛି ।

## ବାଲେଶ୍ୱର ସଦର

ବିଜେପି ବିଧାୟକ ମାନସ କୁମାର ଦତ୍ତ ପାଇଥିଲେ ୮୯୩୬୦ ଭୋଟ୍ । ସେଠାରେ ବିଜେଡ଼ି ଓ କଂଗ୍ରେସ ମିଳିତ ଭାବେ ୭୯୯୯୩ ଭୋଟ୍ ପାଇଥିଲେ । ବିରୋଧୀଙ୍କ ଠାରୁ ବିଜେପିର ଭୋଟ୍ ତଥାପିବି ୯୩୬୭ ଅଧିକ ରହିଛି ।

## ରେମୁଣା

ବିଜେପି ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ମିଳିଥିଲା ୯୨୬୨୦ ଭୋଟ୍ । ଯେତେବେଳେକି ବିରୋଧୀ ବିଜେଡ଼ି ଓ କଂଗ୍ରେସ ୮୦୫୧୧ ଭୋଟ୍ ପାଇଛନ୍ତି । ତଥାପିବି ସେମାନେ ବିଜେପି ଠାରୁ ୧୨ ହଜାର କମ୍ ରହିଛନ୍ତି ।

## ନୀଳଗିରି

ବିଧାୟକ ସନ୍ତୋଷ ଖଟୁଆଙ୍କୁ ମିଳିଥିଲା ୮୭୯୨୮ ଭୋଟ୍। ବିଜେଡ଼ି ଓ କଂଗ୍ରେସକୁ ମିଳିଥିଲା ୭୬୨୯୯ ଭୋଟ୍। ବିଜେପି ୧୧୬୨୯ ଖଣ୍ଡ ଭୋଟ୍ ଅଧିକ ପାଇଥିଲେ।

## ସିମୁଳିଆ

ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ ୯୦୬୭୬ ଭୋଟ୍ ମିଳିଥିଲା। ବିଜେଡ଼ି ଓ କଂଗ୍ରେସର ମିଳିତ ଭୋଟ୍ ୧୦୦ ଖଣ୍ଡ କମ୍ ।

## ଧାମନଗର

ବିଜେପି ବିଧାୟକ ସୂର୍ଯ୍ୟବଂଶୀ ସୂରଜ ୯୦୫୫୫ ଖଣ୍ଡ ଭୋଟ୍ ପାଇଥିଲେ । ଯେତେବେଳେକି କଂଗ୍ରେସ ଓ ବିଜେଡ଼ିର ଭୋଟ୍ ମିଶିଲେ ୮୮୧୯୨ ଖଣ୍ଡ ହେଉଛି । ଯାହାକି ବିଜେପି ଠାରୁ ୨୩୬୩ କମ୍ ରହିଛି ।

## ସୁକିନ୍ଦା

ବିଜେପି ବିଧାୟକ ପ୍ରଦୀପ ବଳ ସାମନ୍ତଙ୍କୁ ୮୬୭୩୩ ଖଣ୍ଡ ଭୋଟ୍ ମିଳିଥିଲା । ସେପଟେ ବିଜେଡ଼ି ଓ କଂଗ୍ରେସ ପାଇଥିଲେ ୮୦୮୩୩ ଭୋଟ୍। ଉଭୟ ବିରୋଧୀଙ୍କ ଭୋଟ୍ ଠାରୁ ବିଜେପିର ଭୋଟ୍ ୫୯୦୦ ଅଧିକ ରହିଛି ।

## ଢେଙ୍କାନାଳ

ବିଜେପି ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ପାଇଥିଲେ ୧୦୬୫୨୯ ଖଣ୍ଡ ଭୋଟ୍ । ବିଜେଡ଼ି ଓ କଂଗ୍ରେସର ମିଳିତ ଭୋଟ୍ ଥିଲା ୯୦୭୨୦। ଅର୍ଥାତ୍ ବିଜେପି, ଦୁଇ ବିରୋଧୀଙ୍କ ଠାରୁ ୧୫୮୦୯ ଭୋଟରେ ଆଗୁଆ ରହିଛି ।

## ହିନ୍ଦୋଳ

ବିଜେପି ବିଧାୟିକା ସୀମାରାଣୀ ନାୟକଙ୍କୁ ୯୭୭୯୫ ଭୋଟ୍ ମିଳିଥିବାବେଳେ ବିରୋଧୀ ବିଜେଡ଼ି ଓ କଂଗ୍ରେସର ମୋଟ୍ ଭୋଟ୍ ଥିଲା ୯୩୨୮୨ । ବିଜେପି ସେଠାରେ ମିଳିତ ବିରୋଧୀଙ୍କ ଠାରୁ ୪୫୧୩ ଖଣ୍ଡ ଅଧିକ ଭୋଟ୍ ପାଇଛି ।

## କାମାକ୍ଷାନଗର

ବିଜେପି ବିଧାୟକ ଶତ୍ରୁଘ୍ନ ଜେନାଙ୍କୁ ୮୪୫୮୯ ଖଣ୍ଡ ଭୋଟ୍ ମିଳିଥିଲା । ବିରୋଧୀ ବିଜେଡ଼ି ଓ କଂଗ୍ରେସର ମୋଟ୍ ଭୋଟ୍ ଥିଲା ୮୩୩୫୭ । ମିଳିତ ବିରୋଧୀଙ୍କ ଠାରୁ ବିଜେପି ୧୨୩୨ ଖଣ୍ଡ ଅଧିକ ଭୋଟ୍ ପାଇଛି ।

## ପରଜଙ୍ଗ

ବିଜେପି ବିଧାୟକ ବିଭୂତି ଭୂଷଣ ପ୍ରଧାନ ୧୦୦୫୯୫ ଖଣ୍ଡ ଭୋଟ୍ ପାଇଥିଲେ । ସେଠାରେ ବିଜେଡ଼ି ଓ କଂଗ୍ରେସକୁ ମୋଟ୍ ୭୧୯୧୫ ଖଣ୍ଡ ଭୋଟ୍ ମିଳିଥିଲା । ଉଭୟ ଦଳ ଠାରୁ ବିଜେପି ୨୮୬୮୦ ଖଣ୍ଡ ଅଧିକ ଭୋଟ୍ ପାଇଥିଲା ।

## ପାଲଲହଡ଼ା

ବିଜେପି ବିଧାୟକ ଅଶୋକ ମହାନ୍ତିଙ୍କୁ ମିଳିଥିଲା ୭୧୫୬୦ ଖଣ୍ଡ ଭୋଟ୍ । ବିଜେଡ଼ି ଓ କଂଗ୍ରେସ ୭୦୪୪୧ ଖଣ୍ଡ ଭୋଟ୍ ପାଇଥିଲେ । ଦୁଇ ପ୍ରମୁଖ ବିରୋଧୀଙ୍କ ଠାରୁ ବିଜେପି ୧୧୧୯ ଖଣ୍ଡ ଅଧିକ ଭୋଟ୍ ପାଇଛି ।

## ଅନୁଗୁଳ

ବିଜେପି ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ୮୮୮୬୮ ଖଣ୍ଡ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ମୋଟ୍ ୭୮୦୮୮ ଖଣ୍ଡ ଭୋଟ୍ ମିଳିଥିଲା । ମିଳିତ ବିରୋଧୀଙ୍କ ଠାରୁ ବିଜେପି ୧୦୭୮୦ ଖଣ୍ଡ ଅଧିକ ଭୋଟ୍ ପାଇଥିଲା ।

## ଛେଣ୍ଡିପଦା

ବିଜେପି ବିଧାୟକ ଅଗସ୍ତି ବେହେରା ୯୩୬୨୯ ଖଣ୍ଡ ଭୋଟ୍ ପାଇଥିଲେ । ବିଜେଡ଼ି ଓ କଂଗ୍ରେସକୁ ମୋଟ୍ ୮୨୨୪୭ ଭୋଟ୍ ମିଳିଛି। ସେମାନଙ୍କ ଠାରୁ ବିଜେପି ୧୧୩୮୨ ଖଣ୍ଡ ଅଧିକ ଭୋଟ୍ ପାଇଛି ।

## ମହାକାଳପଡ଼ା

ବିଜେପି ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ୧୦୯୬୫୩ ଖଣ୍ଡ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୭୯୧୬୯ ଭୋଟ୍ ମିଳିଥିଲା । ଦୁଇ ବିରୋଧୀଙ୍କ ଠାରୁ ବିଜେପିର ଭୋଟ୍ ୩୦୪୮୪ ଅଧିକ ରହିଛି ।

## ପାରାଦୀପ

ବିଜେପି ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ୮୪୫୧୮ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୭୬୩୪୧ଭୋଟ୍ ମିଳିଛି । ବିରୋଧୀଙ୍କ ଠାରୁ ବିଜେପି ୮ ହଜାର ଭୋଟ୍ ଅଧିକ ପାଇଛି ।

## ଜଗତସିଂହପୁର

ବିଜେପି ବିଧାୟକ ଅମରେନ୍ଦ୍ର ଦାସ ୯୨୫୫୫ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସ ମିଳିତ ଭାବେ ୭୬୩୪୯ ଭୋଟ୍ ପାଇଥିଲେ । ବିଜେପି ଦୁଇ ବିରୋଧୀଙ୍କ ଠାରୁ ୧୬୨୦୬ ଭୋଟ୍ ଅଧିକ ପାଇଥିଲା ।

## ବ୍ରହ୍ମଗିରି

ବିଜେପି ବିଧାୟିକା ଉପାସନା ମହାପାତ୍ରଙ୍କୁ ୯୫୭୮୩ ଭୋଟ୍ ମିଳିଥିବାବେଳେ ବିଜେଡ଼ି ଓ କଂଗ୍ରେସ ପାଇଥିଲେ ୮୭୮୬୩ ଭୋଟ୍ । ବିଜେପି ଭୋଟ ଦୁଇ ଦଳଙ୍କ ଠାରୁ ୭୯୨୦ ଅଧିକ ରହିଛି ।

## ସତ୍ୟବାଦୀ

ବିଜେପି ବିଧାୟକ ଓମ୍ ପ୍ରକାଶ ମିଶ୍ର ୮୭୨୯୪ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସର ମିଳିତ ଭୋଟ୍ ଥିଲା ୭୧୭୮୫ । ଯାହାକି ବିରୋଧୀଙ୍କ ଠାରୁ ୧୫୫୦୯ ଖଣ୍ଡ ଅଧିକ ରହିଥିଲା ।

## ପିପିଲି

ବିଜେପି ବିଧାୟକ ଆଶ୍ରୀତ ପଟ୍ଟନାୟକ ୯୯୩୧୦ ଭୋଟ୍ ପାଇଥିଲେ । ବିଜେଡ଼ି ଓ କଂଗ୍ରେସକୁ ୮୭୫୯୭ ଭୋଟ୍ ମିଳିଥିଲା । ବିଜେପି ୧୧୭୧୩ ଅଧିକ ଭୋଟ୍ ପାଇଥିଲା ।

## ଖୋର୍ଦ୍ଧା

ବିଜେପିବିଧାୟକପ୍ରଶାନ୍ତକୁମାରଜଗଦେବ ୮୦୫୬୪ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସ ପାଇଥିଲେ ୭୫୪୦୧ ଭୋଟ୍ । ଅତଏବ ବିଜେପି ବିରୋଧୀଙ୍କ ଠାରୁ ୫୧୬୩ ଭୋଟ୍ ଅଧିକ ପାଇଥିଲା ।

## ଚିଲିକା

ବିଜେପି ବିଧାୟକ ପୃଥ୍ୱୀରାଜ ହରିଚନ୍ଦନ ୮୩୨୬୪ ଭୋଟ୍ ପାଇଥିବାବେଳେ ବିରୋଧୀ ବିଜେଡ଼ି ଓ କଂଗ୍ରେସକୁ ୮୧୭୮୦ ଭୋଟ୍ ମିଳିଥିଲା । ବିଜେପି ଉଭୟ ଦଳ ଠାରୁ ୧୪୮୪ ଖଣ୍ଡ ଭୋଟ୍ ଅଧିକ ପାଇଥିଲା ।

## ରଣପୁର

ବିଜେପି ବିଧାୟିକା ସୁରମା ପାଢ଼ୀ ୮୧୪୩୯ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୭୦୮୪୭ ଭୋଟ୍ ମିଳିଥିଲା । ଯାହାକି ବିରୋଧୀଙ୍କ ଠାରୁ ୧୦୫୯୨ ଅଧିକ ।

## ଖଣ୍ଡପଡ଼ା

ବିଜେପି ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ୭୫୫୫୭ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୬୯୫୮୭ ଭୋଟ୍ ମିଳିଥିଲା । ବିଜେପି ସେମାନଙ୍କ ଠାରୁ ୫୯୭୦ ଅଧିକ ଭୋଟ୍ ପାଇଛି ।

## ଭଞ୍ଜନଗର

ବିଜେପି ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ୮୩୮୨୨ ଭୋଟ୍ ପାଇଥିଲେ । ସେଠାରେ ବିଜେଡ଼ି ଓ କଂଗ୍ରେସକୁ ୭୨୬୩୪ ଭୋଟ୍ ମିଳିଥିଲା । ଅର୍ଥାତ୍ ବିରୋଧୀଙ୍କ ଠାରୁ ବିଜେପିର ୧୧୧୮୮ ଭୋଟ୍ ଅଧିକ ରହିଛି ।

## ପୋଲସରା

ବିଜେପି ବିଧାୟକ ଗୋକୁଳାନନ୍ଦ ମଲ୍ଲିକ ୮୫୭୩୭ ଭୋଟ୍ ପାଇଥିଲେ । ବିଜେଡ଼ି ଓ କଂଗ୍ରେସକୁ ୬୮୫୫୪ ଭୋଟ୍ ମିଳିଥିଲା । ବିରୋଧୀ ଠାରୁ ବିଜେପିର ଭୋଟ୍ ୧୭୧୮୩ ଅଧିକ ରହିଥିଲା ।

## କବିସୂର୍ଯ୍ୟନଗର

ବିଜେପି ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କୁ ୮୦୯୯୫ ଭୋଟ୍ ମିଳିଥିଲା । ସେଠାରେ ମିଳିତ ବିରୋଧୀ ପାଇଥିଲେ ୫୩୭୯୧ । ବିଜେପିର ଭୋଟ୍ ବିରୋଧୀଙ୍କ ଠାରୁ ୨୭୨୦୪ ଅଧିକ ଥିଲା ।

## ଖଲିକୋଟ

ବିଜେପି ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ୮୦୨୩୦ ଭୋଟ୍ ମିଳିଥିଲା । ସେଠାରେ ବିଜେଡ଼ି ଓ କଂଗ୍ରେସ ପାଇଥିଲା ୬୫୦୩୦ । ବିଜେପିର ଭୋଟ୍ ବିରୋଧୀଙ୍କ ଠାରୁ ୧୫୨୦୦ ଅଧିକ ।

## ଛତ୍ରପୁର

ବିଜେପି ବିଧାୟକ କୃଷ୍ଣଚନ୍ଦ୍ର ନାୟକ ୭୪୯୮୩ ଭୋଟ୍ ପାଇଥିଲେ । ବିଜେଡ଼ି ଓ କଂଗ୍ରେସକୁ ୭୦୭୩୧ ଭୋଟ୍ ମିଳିଥିବାବେଳେ ବିରୋଧୀଙ୍କ ଠାରୁ ବିଜେପି ୪୨୫୨ ଭୋଟ୍ ପାଇଥିଲା ।

## ଆସ୍କା

ବିଜେପି ବିଧାୟକ ସରୋଜ କୁମାର ପାଢ଼ୀ ୫୯୦୮୩ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ମିଳିଥିଲା ୫୬୩୪୦ ଭୋଟ୍ । ଉଭୟ ଦଳ ଠାରୁ ବିଜେପି ୨୭୪୩ ଭୋଟ୍ ଅଧିକ ପାଇଥିଲା ।

## ସୋରଡ଼ା

ବିଜେପି ବିଧାୟକ ନୀଳମଣି ବିଷୋୟୀ ୮୩୬୨୫ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସ ୬୨୮୭୯ ଭୋଟ୍ ପାଇଥିଲେ । ବିଜେପି ଦୁଇ ଦଳ ଠାରୁ ୨୦୭୪୬ ଭୋଟ୍ ଅଧିକ ପାଇଥିଲା ।

## ଗୋପାଳପୁର

ବିଜେପି ବିଧାୟକ ବିଭୂତି ଭୂଷଣ ଜେନା ୭୨୦୭୧ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସ ମିଳିତ ଭାବେ ୬୬୩୭୦ ଭୋଟ୍ ପାଇଥିଲେ । ବିରୋଧୀଙ୍କ ଠାରୁ ବିଜେପି ୫୭୦୧ ଭୋଟ୍ ଅଧିକ ପାଇଥିଲା ।

## ବ୍ରହ୍ମପୁର

ବିଜେପି ବିଧାୟକ କେ. ଅନୀଲ କୁମାର ୫୪୯୯୭ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୪୧୬୭୩ ଭୋଟ୍ ମିଳିଥିଲା । ବିଜେପିର ଭୋଟ୍ ବିରୋଧୀଙ୍କ ଠାରୁ ୧୩୩୨୪ ଅଧିକ ରହିଛି ।

## ଦିଗପହଣ୍ଡି

ବିଜେପି ବିଧାୟକ ସିଦ୍ଧାନ୍ତ ମହାପାତ୍ର ୭୨୯୦୮ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସ ୬୬୧୫୧ ଭୋଟ୍ ପାଇଥିଲେ । ବିଜେପି ଦୁଇ ବିରୋଧୀଙ୍କ ଠାରୁ ୬୭୫୭ ଭୋଟ୍ ଅଧିକ ପାଇଥିଲା ।

## ଚିକିଟି

ବିଜେପି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ୬୯୮୩୯ ଭୋଟ୍ ପାଇଥିବାବେଳେ ବିଜେଡ଼ି ଓ କଂଗ୍ରେସକୁ ୬୬୧୬୩ ଭୋଟ୍ ମିଳିଥିଲା । ବିରୋଧୀଙ୍କ ଠାରୁ ବିଜେପି ୩୬୭୬ ଅଧିକ ଭୋଟ୍ ପାଇଥିଲା ।

# ଭିନ୍ନ ଅଙ୍କ

## ଧର୍ମଶାଳା

ସ୍ୱାଧୀନ ବିଧାୟକ ହିମାଂଶୁ ସାହୁଙ୍କୁ ୭୯୭୫୯ ଖଣ୍ଡ ଓ ବିଜେପି ପ୍ରାର୍ଥୀଙ୍କୁ ୧୫୯୨୬ ଖଣ୍ଡ ଭୋଟ୍ ମିଳିଥିଲା । ଉଭୟ ଭୋଟ୍ ମିଶିଲେ ୯୫ ହଜାରରୁ ଅଧିକ । ସେଠାରେ ବିଜେଡ଼ି ଓ କଂଗ୍ରେସର ଭୋଟ୍ ୭୮୫୫୬ ।

## ନୂଆପଡ଼ା

୨୦୨୪ରେ ରାଜେନ୍ଦ୍ର ଢୋଲକିଆଙ୍କୁ ୬୧୮୨୨ ଭୋଟ୍ ମିଳିଥିଲା । ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ମିଳିଥିଲା ୫୦୯୪୪ । କଂଗ୍ରେସକୁ ମିଳିଥିଲା ୧୫୫୦୧ ଭୋଟ୍ । ତେବେ ଉପନିର୍ବାଚନରେ ଫଳାଫଳ ଭିନ୍ନ କଥା କହୁଛି । ଏକପାଖିଆ ଭାବେ ବିଜେପି ବାଜିମାତ୍ କରିଛି । ଅବଶ୍ୟ ବିଜେପୁର ଓ ଝାରସୁଗୁଡ଼ା ଉପନିର୍ବାଚନରେ ବିଜେଡ଼ି ବିପୁଳ ଭୋଟରେ ଜିଣିବି ୨୦୨୪ରେ ଚିଟପଟାଙ୍ଗ ମାରିଛି । ନୂଆପଡ଼ାରେ ଯଦି ବିଜେଡ଼ି ଓ କଂଗ୍ରେସ ଏକ ହୁଅନ୍ତି ତେବେ ବିଜେପି ପାଣି ପିଇଯିବ ।

## ବଡ଼ମ୍ବା

ସ୍ୱାଧୀନ ବିଧାୟକ ବିଜୟ କୁମାର ଦଳବେହେରା ୮୬୦୧୮ ଭୋଟ୍ ପାଇଥିବାବେଳେ ବିଜେପି ୩୦୭୫୫ ଭୋଟ୍ ପାଇଥିଲା । ଅର୍ଥାତ୍ ବିଜେଡ଼ି ଓ କଂଗ୍ରେସ ଠାରୁ ତାହା ଢ଼େର ଅଧିକ ।

## ମାହାଙ୍ଗା

ସ୍ୱାଧୀନ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ୮୮୬୩୨ ଭୋଟ୍ ପାଇଥିବାବେଳେ ବିଜେପି ପାଇଥିଲା ୧୯୪୮୧ ଭୋଟ୍ । ଉଭୟଙ୍କ ଭୋଟ୍ ବିଜେଡ଼ି ଓ କଂଗ୍ରେସ ଠାରୁ ଅଧିକ ଥିଲା ।



# ବିରୋଧୀଙ୍କ ବିଜୟ ବ୍ୟବଧାନ ବଢ଼ିବ

## ପଦ୍ମପୁର

ବିଜେଡ଼ି ବିଧାୟିକା ବର୍ଷା ସିଂ ବରିହାଙ୍କୁ ମିଳିଥିଲା ୯୧୯୯୫ ଖଣ୍ଡ ଭୋଟ୍। କଂଗ୍ରେସ ଭୋଟ୍ ମିଶିଲେ ୧୨୨୪୮ରେ ପହଁଚିଯିବ। ଯାହାକି ବିଜେପି ଠାରୁ ୪୧୪୪୬ ଖଣ୍ଡ ଅଧିକ।

## ସୁନ୍ଦରଗଡ଼

ବିଜେଡ଼ି ବିଧାୟକ ଯୋଗେଶ କୁମାର ସିଂଙ୍କୁ ମିଳିଥିଲା ୮୬୩୯୮ ଖଣ୍ଡ ଭୋଟ୍। ଯେତେବେଳେକି କଂଗ୍ରେସକୁ ମିଳିଥିଲା ୮୩୦୧ ଭୋଟ୍ । ମୋଟ୍ ଭୋଟ୍ ୯୪୬୯୯ ହୋଇଥିବାବେଳେ ବିଜେପି ଠାରୁ ତାହା ୧୭୪୨୩ ଖଣ୍ଡ ଅଧିକ ।

## ବୀରମିତ୍ରପୁର

ବିଜେଡ଼ି ବିଧାୟକ ରୋହିତ ଯୋଶେଫ ତିର୍କୀଙ୍କୁ ମିଳିଥିଲା ୮୪୧୧୬ ଖଣ୍ଡ ଭୋଟ୍। ସେଠାରେ କଂଗ୍ରେସ ଲଢ଼ିନଥିଲା। ତେଣୁ ପ୍ରକୃତ ହିସାବ ମିଳିବା କଷ୍ଟକର। ଏଠାରେ ଆମେ ଆଉ ଏକ ହିସାବ ଦେଉଛୁ। ୨୦୧୯ରେ ବୀରମିତ୍ରପୁରରେ ବିଜେଡ଼ି ୪୪ ହଜାରରୁ ଉର୍ଦ୍ଧ୍ୱ ଓ କଂଗ୍ରେସ ପ୍ରାର୍ଥୀ ଯୋଶେଫ ତିର୍କୀ ୪୪ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ପାଇଥିଲେ। ୨୦୨୪ରେ କିନ୍ତୁ ବିଜେଡ଼ି ଭୋଟ୍ ମିଶିବାରୁ ଯୋଶେଫଙ୍କ ଭୋଟ୍ ୮୪ ହଜାର ଟପିଯାଇଥିଲା ।

## ରାଉରକେଲା

ବିଜେଡ଼ି ବିଧାୟକ ଶାରଦା ନାୟକଙ୍କୁ ମିଳିଥିଲା ୬୪୬୬୦ ଭୋଟ୍। କଂଗ୍ରେସ ପାଇଥିଲା ୮୭୫୧ ଭୋଟ୍। ଦୁଇ ଦଳର ଭୋଟ୍ ମିଶିଲେ ବିଜେପି ଠାରୁ ୧୨୩୦୩ ଖଣ୍ଡ ଅଧିକ ।

## ରାଜଗାଙ୍ଗପୁର

କଂଗ୍ରେସ ବିଧାୟକ ସିଏସ ରାଜେନ୍ ଏକ୍କା ୬୬୮୬୯ ଖଣ୍ଡ ଭୋଟ୍ ପାଇଥିଲେ। ଯେତେବେଳେକି ବିଜେଡ଼ିକୁ ମିଳିଥିଲା ୫୬୬୮୫ ଖଣ୍ଡ। ଉଭୟ ଦଳର ଭୋଟ୍ ମିଶିଲେ ୧୨୩୫୫୪ ହେଉଛି । ଯାହାକି ବିଜେପି ଠାରୁ ୭୦୮୯୯ ଅଧିକ।

## ବଣାଇ

ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ମିଳିଥିଲା ୮୧୦୦୮ ଖଣ୍ଡ ଭୋଟ୍। ବିଜେଡ଼ି ପାଇଥିଲା ୫୭୫୬୯ ଖଣ୍ଡ ଭୋଟ୍। ଉଭୟ ଦଳର ଭୋଟ୍ ୧ ଲକ୍ଷ ୩୮ ହଜାରରୁ ଅଧିକ। ଯାହାକି ବିଜେପି ଠାରୁ ୧ ଲକ୍ଷ ୮ ହଜାର ଅଧିକ। ସୂଚେଇ ଦେଉଛୁକି, ବଣାଇରେ କଂଗ୍ରେସ ସବୁବେଳେ ସିପିଆଇଏମଙ୍କୁ ବାଟ ଛାଡ଼ିଥାଏ ।

## ରେଙ୍ଗାଲୀ

ବିଜେଡ଼ି ବିଧାୟକ ସୁଦର୍ଶନ ହରିପାଲଙ୍କୁ ୭୩୪୨୦ ଭୋଟ୍ ମିଳିଥିଲା। କଂଗ୍ରେସ ୯୩୬୫ ଖଣ୍ଡ ଭୋଟ୍ ପାଇଥିଲା। ଏହାକୁ ହିସାବକୁ ନେଲେ ମୋଟ୍ ଭୋଟ୍ ୮୨୭୮୫ ହେଉଛି। ଯାହାକି ବିଜେପି ଠାରୁ ୧୨୫୭୭ ଅଧିକ ।

## ରେଢ଼ାଖୋଲ

ବିଜେଡ଼ି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ୬୧୭୧୬ ଖଣ୍ଡ ଭୋଟ୍ ମିଳିଥିଲା । କଂଗ୍ରେସ ପାଇଥିଲା ୩୭୫୭୯ ଭୋଟ୍ । ଦୁଇଦଳର ମୋଟ୍ ଭୋଟ୍ ୯୯୨୯୫ ଭୋଟ୍ । ଯାହାକି ବିଜେପି ଠାରୁ ୪୨୫୩୯ ଅଧିକ ।

ଗର୍ବିତ ଓଡ଼ିଆ
ODIA WEEKLY ● GARVITA ODIA

## ଦେବଗଡ଼

ବିଜେଡ଼ି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ୮୯୦୭୪ ଖଣ୍ଡ ଭୋଟ୍ ମିଳିଥିବାବେଳେ କଂଗ୍ରେସକୁ ମିଳିଥିଲା ୨୯୨୭୯ ଭୋଟ୍। ମୋଟ୍ ଭୋଟ୍ ଥିଲା ୧୧୭୩୫୩। ବିଜେପି ଠାରୁ ବିଜେଡ଼ି ଓ କଂଗ୍ରେସ ମିଳିତ ଭାବେ ୪୪ ହଜାରରୁ ଅଧିକ ଭୋଟ୍ ପାଇଥିଲେ ।

## ଘସିପୁରା

ବିଜେଡ଼ି ବିଧାୟକ ବଦ୍ରି ନାରାୟଣ ପାତ୍ର ୮୨୫୧୬ ଖଣ୍ଡ ଭୋଟ୍ ପାଇଥିଲେ । ଅବଶ୍ୟ ସେଠାକାର କଂଗ୍ରେସ ଭୋଟ୍ ସବୁ ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଖାତାକୁ ପଳାଇଥିଲା । ତେଣୁ ଘସିପୁରାର ହିସାବ କରିବା ମୁସ୍କିଲ୍ । କିନ୍ତୁ ସେଠାରେ ବିଜେପିର ସ୍ଥିତି ଆଦୌ ଭଲନୁହେଁ ।

## ଆନନ୍ଦପୁର

ବିଜେଡ଼ି ବିଧାୟକ ଅଭିମନ୍ୟୁ ସେଠୀଙ୍କୁ ମିଳିଥିଲା ୭୧୬୫୧ ଭୋଟ୍ । ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ପାଇଥିଲେ ୬୦୬୮୫ ଭୋଟ୍ । ଉଭୟ ଭୋଟ୍ ମିଶିଲେ ୧ ଲକ୍ଷ ୩୨ ହଜାର ଟପୁଥିବାବେଳେ ବିଜେପି ଠାରୁ ତାହା ୮୯ ହଜାର ଅଧିକ ।

## ଚମ୍ପୁଆ

ବିଜେଡ଼ି ବିଧାୟକ ସନାତନ ମହାକୁଡ଼ ପାଇଥିଲେ ୧୦୩୧୨୦ ଭୋଟ୍ । କଂଗ୍ରେସକୁ ୮୬୪୯ ଭୋଟ୍ ମିଳିଥିଲା । ବିଜେଡ଼ି ଓ କଂଗ୍ରେସ ଭୋଟ୍ ମିଶିଲେ ବିଜେପି ଠାରୁ ୪୮୬୪୩ ଅଧିକ ।

## ଜଳେଶ୍ୱର

ବିଜେଡ଼ି ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ୮୩୧୦୫ ଖଣ୍ଡ ଭୋଟ୍ ମିଳିଥିଲା। ଯେତେବେଳେକି କଂଗ୍ରେସ ପାଇଥିଲା ୨୬୬୯୨ ଖଣ୍ଡ ଭୋଟ୍ । ଉଭୟ ଦଳର ମୋଟ୍ ଭୋଟ୍ ହେଉଛି ୧୦୯୭୯୭ । ଯାହାକି ବିଜେପି ଠାରୁ ୨୭ ହଜାର ଅଧିକ ।

## ଭୋଗରାଇ

ବିଜେଡ଼ି ବିଧାୟକ ଗୌତମବୁଦ୍ଧ ଦାସଙ୍କୁ ୭୦୧୯୮ ଖଣ୍ଡ ଭୋଟ୍ ମିଳିଥିବାବେଳେ କଂଗ୍ରେସ ପାଇଥିଲା ୬୩୬୩୪ ଖଣ୍ଡ ଭୋଟ୍। ଉଭୟଙ୍କ ଭୋଟ୍ ମିଶିଲେ ୧୩୩୮୩୨ ହେଉଛି। ଯାହାକି ବିଜେପି ଠାରୁ ୯୨୭୭୩ ଭୋଟ୍ ଅଧିକ ।

## ବସ୍ତା

ବିଧାୟିକା ସୁବାସିନୀ ଜେନାଙ୍କୁ ମିଳିଥିଲା ୮୩୩୧୪ ଭୋଟ୍ । କଂଗ୍ରେସ ପାଇଥିଲା ୬୨୯୩୭ ଖଣ୍ଡ ଭୋଟ୍ । ଉଭୟ ଭୋଟ୍ ମିଶିଲେ ତାହା ୧୪୬୨୫୧ ହେଉଛି । ଯାହାକି ବିଜେପି ଠାରୁ ୧୦୩୫୧୯ ଭୋଟ୍ ଅଧିକ ।

## ସୋରୋ

ବିଜେଡ଼ି ବିଧାୟକ ମାଧବ ଧଡ଼ାଙ୍କୁ ୬୩୬୪୨ ଖଣ୍ଡ ଭୋଟ୍ ମିଳିଥିଲା । ସେଠାରେ କଂଗ୍ରେସ ପାଇଥିଲା ୩୨୧୪୯ ଭୋଟ୍ । ଉଭୟ ଦଳର ଭୋଟ୍ ମିଶିଲେ ତାହା ବିଜେପି ଠାରୁ ୩୨୯୫୧ ଅଧିକ ।

## ଭଣ୍ଡାରୀପୋଖରୀ

ବିଜେଡ଼ି ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ୭୨୪୪୭ ଖଣ୍ଡ ଭୋଟ୍ ମିଳିଥିବାବେଳେ କଂଗ୍ରେସ ପାଇଥିଲା ୭୦୮୯୬ ଖଣ୍ଡ ଭୋଟ୍ । ଦୁଇ ଦଳର ଭୋଟ୍ ମିଶିଲେ ତାହା ବିଜେପି ଠାରୁ ଲକ୍ଷେ ଅଧିକ ।

## ବାସୁଦେବପୁର

କଂଗ୍ରେସ ବିଧାୟକ ଅଶୋକ କୁକମାର ଦାସ ୭୭୮୪୩ ଖଣ୍ଡ ଭୋଟ୍ ପାଇଥିଲେ। ସେଠାରେ ବିଜେଡ଼ି ପାଇଥିଲା ୭୭୨୧୨ ଖଣ୍ଡ ଭୋଟ୍ । ଉଭୟଙ୍କ ଭୋଟ୍ ମିଶିଲେ ୧୫୫୦୫୫ ହେଉଛି । ଯାହାକି ବିଜେପି ଠାରୁ ୧ ଲକ୍ଷ ୧୩ ହଜାର ଅଧିକ ।

## ଚାନ୍ଦବାଲି

ବିଜେଡ଼ି ବିଧାୟକ ବ୍ୟୋମକେଶ ରାୟଙ୍କୁ ୮୩୦୬୨ ଖଣ୍ଡ ଭୋଟ୍ ମିଳିଛି । କଂଗ୍ରେସକୁ ମିଳିଥିଲା ୨୮୪୮୩ । ଉଭୟ ଦର ଭୋଟ ମିଶିଲେ ବିଜେପି ଠାରୁ ୩୦୩୯୯ ଅଧିକ ।

## ବିଞ୍ଝାରପୁର

ବିଜେଡ଼ି ବିଧାୟିକା ପ୍ରମିଳା ମଲ୍ଲିକ ପାଇଥିଲେ ୭୪୧୮୫ ଭୋଟ୍ । କଂଗ୍ରେସ ପାଇଥିଲା ମାତ୍ର ୪୩୯୨ ଭୋଟ୍ । ବିଜେପି ଠାରୁ ଉଭୟ ଦଳର ଭୋଟ୍ ୭୨୫୮ ଅଧିକ ।

## ବରି

ବିଜେଡ଼ି ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ମିଳିଥିଲା ୧୦୧୯୬୬ ଖଣ୍ଡ ଭୋଟ୍ । କଂଗ୍ରେସ ପାଇଥିଲା ମାତ୍ର ୪ ହଜାର । ଉଭୟଙ୍କ ଭୋଟ୍ ବିଜେପି ଠାରୁ ୫୫୫୭୧ ଅଧିକ ।

## ଯାଜପୁର

ବିଜେଡ଼ି ବିଧାୟିକା ସୁଜାତା ସାହୁଙ୍କୁ ୮୬୦୪୯ ଭୋଟ୍ ମିଳିଥିବାବେଳେ କଂଗ୍ରେସକୁ ମିଳିଥିଲା ୬୪୭୭ ଭୋଟ୍ । ଉଭୟ ଦଳର ଭୋଟ୍ ବିଜେପି ଠାରୁ ୯ ହଜାର ଅଧିକ ।

## ତାଳଚେର

ବିଜେଡ଼ି ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କୁ ମିଳିଥିଲା ୭୫୬୨୧ ଖଣ୍ଡ ଭୋଟ୍ । କଂଗ୍ରେସ ପାଇଥିଲା ୬୧୮୯ ଭୋଟ୍ । ମୋଟ୍ ଭୋଟ୍ ୮୧୮୧୦ ଥିବାବେଳେ ତାହା ବିଜେପି ଠାରୁ ୩୮ ହଜାର ଅଧିକ ।

## ଆଠମଲ୍ଲିକ

ବିଜେଡ଼ି ବିଧାୟକ ନଳିନୀକାନ୍ତ ପ୍ରଧାନଙ୍କୁ ୯୩୯୫୭ ଭୋଟ୍ ମିଳିଥିବାବେଳେ କଂଗ୍ରେସ ପାଇଥିଲା ୫୧୨୬ ଖଣ୍ଡ ଭୋଟ୍ । ଉଭୟ ଦଳର ଭୋଟ ୯୯ ହଜାରରୁ ଅଧିକ ହୋଇଥିବାବେଳେ ବିଜେପି ଠାରୁ ୨୧୨୭୯ ଭୋଟ୍ ଅଧିକ ।

ପୃଷ୍ଠା ୧୦...

ଗର୍ବିତ ଓଡ଼ିଆ ODIA WEEKLY • GARVIT ODIA



**୧୯୫୭ରେ ଭୋଗରାଇର ବିଧାୟକ ଥିଲେ ଦୁର୍ଗାଶଙ୍କର ଦାସ । ସେ ସମୟରେ କଂଗ୍ରେସର ଜଣେ ଆଗଧାଡ଼ିର ନେତା ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ । ବାପାଙ୍କ ପଦାନୁସରଣ କରି ପୁଅ ଗୌତମବୁଦ୍ଧ ଦାସ ଜନସେବାକୁ ହିଁ ଜୀବନର ମୂଳମନ୍ତ୍ର ଭାବେ ଗ୍ରହଣ କରିଥିଲେ । ଖାସ୍ ସେଥିପାଇଁ ସରକାରୀ ଚାକିରୀ ପଛରେ ନଗୋଡ଼ାଇ ସେ ସାମ୍ବାଦିକତାକୁ ନିଜର ବୃତ୍ତି ଭାବେ ଆପଣାଇଥିଲେ । ଜଣେ ଦକ୍ଷ ସାମ୍ବାଦିକ ଭାବେ ସୁନାମ ଅର୍ଜନ କରିଥିବା ଗୌତମବୁଦ୍ଧ ୨୦୨୪ରେ ବିଜେଡ଼ି ଟିକେଟରେ ଲଢ଼ି ବିଧାୟକ ହୋଇଛନ୍ତି । ବିଧାନସଭାରେ ଶାଣିତ ସ୍ୱରରେ ସେ ସରକାରଙ୍କୁ ଟାର୍ଗେଟ୍ କରିବାରେ ମାହିର । ତାଙ୍କ ସହ 'ଗର୍ବିତ ଓଡ଼ିଆ'ର ଅଳ୍ପ କେଇପଦ କଥା ।**



# ପରାଜୟ ନବୀନଙ୍କୁ ମଜବୁତ୍ କରିଛି

## -ଗୌତମବୁଦ୍ଧ



**ଗର୍ବିତ ଓଡ଼ିଆ : ପ୍ରଥମେ ଆପଣ ସାମ୍ବାଦିକ, ତା'ପରେ ରାଜନେତା । ରାଜ୍ୟ ରାଜନୀତି ଉପରେ ତିନି ଦଶନ୍ଧିର ଅଭିଜ୍ଞତା ବି ରହିଛି । ଆଜିକା ଦିନରେ ବିଜେଡ଼ିର ସାମ୍ପ୍ରତିକ ସ୍ଥିତି ଓ ରଣନୀତିକୁ ନେଇ ଆପଣ ସନ୍ତୁଷ୍ଟ ତ ?**

ଗୌତମବୁଦ୍ଧ: ମୁଁ ଆପଣଙ୍କର ପ୍ରଶ୍ନର ରହସ୍ୟ ବୁଝିପାରୁଛି । ଆପଣ ମୋଠାରୁ ବିଜେଡ଼ି ବିଧାୟକ ଅପେକ୍ଷା ଜଣେ ସାମ୍ବାଦିକ ଦୃଷ୍ଟିରେ ଉତ୍ତର ଚାହୁଁଛନ୍ତି । ଦେଖନ୍ତୁ, ପ୍ରଥମେ କ୍ଷମତାକୁ ଆସିବା ସହଜ ହୋଇପାରେ, ମାତ୍ର ଲଗାତର ଭାବେ କ୍ଷମତାରେ ରହିବା ଏକ ସଂଘର୍ଷ, ଏକ ଆହ୍ୱାନ । ବିଜେଡ଼ି ସଂଘର୍ଷ କରି ଖାଲି କ୍ଷମତା ପାଇନଥିଲା, ବରଂ ପାଞ୍ଚ ପାଞ୍ଚ ଥର ଶାସନରେ ରହିବା ପାଇଁ ବି ଅହରହ ସଂଘର୍ଷ କରୁଥିଲା । ସରକାରୀ ବିରୋଧୀ ହାୱା, ବିରୋଧୀଙ୍କ ଶାଣିତ ଆକ୍ରମଣ, ବିଜେପି ସହ ମେଣ୍ଟ ହେବା ଓ ପୁଣି ଭାଙ୍ଗିବା ଭିତରେ ଅନେକବାର ରାଜନୀତିକ ଅଙ୍କ ବଦଳିଛି । କେନ୍ଦ୍ରରେ ଉପା ସରକାର ଓ ଏନଡ଼ିଏ ସରକାର ବି ପ୍ରତିଷ୍ଠା ହୋଇଛି । ବିଜେଡ଼ିକୁ ଦୁର୍ବଳ କରିବାକୁ ସେମାନେ ବି ଉଦ୍ୟମ କରିଛନ୍ତି । ହେଲେ ନବୀନ ବାବୁଙ୍କ ସୁଚିନ୍ତିତ ରଣନୀତି ଦଳକୁ ମଜବୁତ୍ କରିଥିଲା । ନବୀନଙ୍କ ରଣନୀତି ଓ ଲୋକପ୍ରିୟତା ଆଗରେ ମୋଦି ଓ ରାହୁଲ୍ ବି ଫିକା ପଡ଼ିଯାଇଛନ୍ତି । ତେଣୁ ଆମ ଦଳର ସଭାପତି ଏବେ ଯେଉଁ ରଣନୀତି କରୁଛନ୍ତି ମୁଁ ସେଥିରେ ସନ୍ତୁଷ୍ଟ । ଆପଣ ଏବେ ପରିବର୍ତ୍ତନ ଲକ୍ଷ୍ୟ କରିପାରୁନଥିବେ, ଆଉ କିଛି ମାସ ପରେ ଆପଣ ଆପେଆପେ ନବୀନଙ୍କ ରଣନୀତିର ସୁଫଳ ଅନୁଭବ କରିପାରିବେ ।

**ନବୀନଙ୍କ ରଣନୀତି ଓ ବିଜେଡ଼ିରେ କିକି ପରିବର୍ତ୍ତନ ହୋଇଛି ?**

୨୦୨୪ ନିର୍ବାଚନର ପରାଜୟ ନବୀନ ବାବୁଙ୍କୁ ଆହୁରି ମଜବୁତ୍ କରିଛି । ତ୍ରୁଟିବିଚ୍ୟୁତିରୁ ଶିଖି ଦଳ ଆଗାମୀ ରଣନୀତି କରୁଛି । ନବୀନ ଅନ୍ୟ ଉପରେ ନିର୍ଭରଶୀଳ ବୋଲି ଯେଉଁ ନ୍ୟାରେଟିଭ୍ ଥିଲା ତାହା ବଦଳିଯାଇଛି । ରାଜ୍ୟସଭା ନିର୍ବାଚନରେ ବିଜେଡ଼ି ସଭାପତିଙ୍କର ପରିବର୍ତ୍ତିତ ଦୃଷ୍ଟିକୋଣ ପ୍ରତିଫଳିତ ହୋଇଛି । କଂଗ୍ରେସ ସହ ମିଳିତ ପ୍ରାର୍ଥୀ ଦେଇ ସେ ବିଜେପିକୁ ଝଟକା ଦେଇଛନ୍ତି । ଆଗରୁ କୁହାଯାଉଥିଲା ଇଡ଼ି, ସିବିଆଇ ଭୟରେ ବିଜେଡ଼ି ଡରିଯାଇଛି, ସେଥିପାଇଁ ବିଜେପିକୁ ଅଯାଚିତ ସମର୍ଥନ ଦେଉଛି । କିନ୍ତୁ ରାଜ୍ୟସଭା ନିର୍ବାଚନରେ ନବୀନବାବୁ ପ୍ରମାଣିତ କରିଦେଲେ, ସେ ଦୁର୍ବଳ କି ଡରିବା ଲୋକ ନୁହଁନ୍ତି ।

**ନବୀନ ବାବୁ କ୍ଷମତାରେ ଥିବାବେଳେ ବିଜେପି ସହ ନିବିଡ଼ ସମ୍ପର୍କ ରଖୁଥିଲେ । ଏବେ ହାରିବା ପରେ ଚେତା ପଶିଲା କି ?**

ଆପଣ ୨୦୧୪ରୁ ୨୦୨୪ର କଥାକୁ ଦେଖି ଏମିତି ପ୍ରଶ୍ନ ପଚାରୁଛନ୍ତି । କିନ୍ତୁ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ କେନ୍ଦ୍ରରେ କଂଗ୍ରେସ ସରକାର ଥିଲା । ସେତେବେଳେବି କେତେକ ପ୍ରସଙ୍ଗରେ ନବୀନ ବାବୁ ଉପା ସରକାରଙ୍କୁ ସମର୍ଥନ କରୁଥିଲେ । ରାଜ୍ୟର ବିକାଶ ଓ ରାଜ୍ୟର ସ୍ୱାର୍ଥ ହାସଲ ପାଇଁ ନବୀନ ବାବୁ ଏଭଳି ରଣନୀତି କରିଥିଲେ । ଗାଏମୋଟ୍ କହିଲେ, ବିଜେଡ଼ି ସଭାପତି କେନ୍ଦ୍ରର କ୍ଷମତାସୀନ ଦଳକୁ ନୁହେଁ ବରଂ ଓଡ଼ିଶାର ସ୍ୱାର୍ଥ ପାଇଁ କେନ୍ଦ୍ର ସରକାରଙ୍କୁ ହିଁ ପ୍ରସଙ୍ଗଭିତ୍ତିକ ସମର୍ଥନ କରୁଥିଲେ । ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡ଼ି ସମର୍ଥନ କଲାବୋଲି ଆପଣମାନେ ସମାଲୋଚନା କରୁଥିଲେ । ବିଜେପି ପାଖରେ ବିଜେଡ଼ି ମୁଣ୍ଡ ନୁଆଁଇଛି ବୋଲି କହୁଥିଲେ । କିନ୍ତୁ ଏବେ ଦେଖନ୍ତୁ, ରେଳ ବଜେଟରେ ଓଡ଼ିଶାକୁ କେତେ ମିଳିଛି । ଏହା କ'ଣ ନବୀନଙ୍କ ରଣନୀତି ନୁହେଁକି ?

**ବର୍ତ୍ତମାନ ସରକାର କହୁଛନ୍ତି ଆମେ ଲୋକପ୍ରିୟ। ବିଜେପି ପ୍ରତି ଜନସମର୍ଥନ ଛୁଟୁଛି। ଡବଲ ଇଞ୍ଜିନ ସରକାରରେ ରାଜ୍ୟର ବିକାଶ ହେଉଛି। ନୂଆପଡ଼ାରେ ଦଳ ଏକପାଖିଆ ବାଜିମାତ୍ କରିଛି। ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ରାଜ୍ୟରେ ବିଜେପି ହିଁ ସରକାର ଗଢ଼ିବ ।**

ସରକାର ଓ କିଛି ମିଡ଼ିଆ ଏମିତି ନ୍ୟାରେଟିଭ୍ କରୁଛନ୍ତି। କିନ୍ତୁ ବାସ୍ତବତା କ'ଣ ସାଧାରଣ ଲୋକଙ୍କୁ ପଚାରିଲେ ସେମାନେ ବୁଝାଇଦେବେ। ଡବଲ ଇଞ୍ଜିନ୍ ସରକାରର ଆୟୁଷ ସରି ସରି ଆସୁଛି। ମୋଦିଙ୍କ ଲୋକପ୍ରିୟତା ଦିନକୁ ଦିନ କମିବାରେ ଲାଗିଛି। ମୋହନଙ୍କର ତ ଆଦୌ ଲୋକପ୍ରିୟତା ହିଁ ନାହିଁ। ଜନବିରୋଧୀ ନିଷ୍ପତ୍ତିକୁ ନେଇ ଲୋକେ ଖପ୍ପା ଅଛନ୍ତି। ଏବେବି ଡବଲ ଇଞ୍ଜିନ ସରକାର ଅଧା ଗଢ଼ା। ୬ ମନ୍ତ୍ରୀ ପଦ ଖାଲି, ନିଗମ ଓ ବୋର୍ଡ ନିଯୁକ୍ତି ବି ହେଉନି। ବହୁବର୍ଷ ପରେ ଓଡ଼ିଶା ଜଣେ ଦୁର୍ବଳ ମୁଖ୍ୟମନ୍ତ୍ରୀ ଓ ଦୁର୍ବଳ ସରକାର ଦେଖୁଛି। ଡବଲ ଇଞ୍ଜିନ ସରକାର ରିମୋଟ୍‌ରେ ଚାଲୁଛି। ଏବେ ତ ରାଜ୍ୟ ସରକାରଙ୍କ କାମ ଦେଖିଲେ ମନେହେଉଛି ରିମୋଟ୍‌ରେ ବ୍ୟାଟେରୀ ବି ନାହିଁ। ୨୦୨୪ ପୂର୍ବରୁ ଅନେକ ଉପନିର୍ବାଚନରେ ବିଜେଡ଼ି ଏକପାଖିଆ ଜିତିଥିଲା। ବିଜେପୁର, ପଦ୍ମପୁର ଓ ବ୍ରଜରାଜନଗର ତାହାର ବଡ଼ ଉଦାହରଣ। ହେଲେ ୨୦୨୪ ନିର୍ବାଚନରେ ସବୁ କିଛି ବଦଳିଗଲା। ଆପଣ ଦେଖନ୍ତୁ, ଆଗାମୀ ଦିନରେ ବିଜେପିର ଅବସ୍ଥା କ'ଣ ହେଉଛି ?

**ନବୀନ ବାବୁ ଭାରତୀୟ ଜନତା ପାର୍ଟିର ହାତ ଛାଡ଼ିଦେବା ପରେ, କାହାର ଲାଭ ହେବ ?**

ବିଜେପିର ରାଜ୍ୟ ନେତାମାନେ ଏଠି ମୁହଁଭୁରୁଡ଼ି ମାରୁଛନ୍ତି। କିନ୍ତୁ ବାସ୍ତବରେ ମୋଦି ଓ ଶାହା ହିଁ ନବୀନ ବାବୁଙ୍କ ସହ ଯିବାକୁ ଚାହୁଁଥିଲେ। କାରଣ ସେମାନେ ନବୀନ ବାବୁଙ୍କ ଲୋକପ୍ରିୟତା ଓ ବିଜେଡ଼ିର ଶକ୍ତି ପରଖିଛନ୍ତି। ବିଜେପି ସହ କିଛି ସମ୍ପର୍କ ଯୋଗୁଁ ଆମ କର୍ମୀ ଓ ନେତାମାନେ ଦ୍ୱନ୍ଦ୍ୱରେ ଥିଲେ। ଏବେ ସେ ଦ୍ୱନ୍ଦ୍ୱ ହଟିଯାଇଛି। କର୍ମୀ ଓ ନେତାମାନେ ସଂଗଠନ ଜୋରଦାର କରିବା ଆରମ୍ଭ କରିଦେଲେଣି। ବିଜେପି ସହ କଡ଼ା ଲଢ଼େଇ ହେବ, ପୁଣି ବିଜେଡ଼ି କ୍ଷମତାକୁ ଫେରିବ। ରାଜ୍ୟସଭା ନିର୍ବାଚନରେ ବିଜେଡ଼ି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦେବା ପରେ ବିଜେପିରେ ଏବେ ଭାଳେଣି ପଡ଼ିଯାଇଛି ।

**ଆପଣଙ୍କ ଦଳରେ ବରିଷ୍ଠଙ୍କୁ ଅଣଦେଖା କରାଯାଉଛି। ନିର୍ଦ୍ଦିଷ୍ଟ କୋଟରୀକୁ ଗୁରୁତ୍ୱ ଦିଆଯାଉଛି। ପିଏସି ପରାଜୟ ଆପେୟାର୍ସ କମିଟି ବୋଲି ଚର୍ଚ୍ଚା ହେଉଛି।**

ବିଜେଡ଼ିର କିଛି ବରିଷ୍ଠ ନେତା ନିଜ ଭୁଲ୍ ପାଇଁ ହିଁ ପରାଜୟ ବରଣ କରିଛନ୍ତି। ସେମାନେ ନିଜ ନିଜ ନିର୍ବାଚନମଣ୍ଡଳୀରେ ଲୋକପ୍ରିୟତା ହରାଇଥିଲେ। କିନ୍ତୁ ପରାଜୟ ପାଇଁ ନିଜକୁ ଦୋଷୀ ନମଣି ସେମାନେ ଦଳ ଓ କୋଟରୀକୁ ଦାୟୀ କରୁଛନ୍ତି। ଆଉ ରହିଲା ପିଏସି କଥା। ଦଳରେ ବହୁ ଯୁବ ଓ ବରିଷ୍ଠ ନେତା ଅଛନ୍ତି । ବିଭିନ୍ନ ସମୀକରଣ ଆଧାରରେ ନବୀନ ବାବୁ ପିଏସି ଗଢ଼ିଛନ୍ତି । ମହିଳା, ଭୌଗୋଳିକ ଅଞ୍ଚଳ, ଯୁବ, ବରିଷ୍ଠ ନେତାଙ୍କୁ ନେଇ ସମତୁଳ କମିଟି ଗଢ଼ାଯାଇଛି। ନବୀନ ବାବୁ ଆମ ଭଳି ପ୍ରଥମ ଥର ବିଧାୟକଙ୍କୁ ଡାକି କ'ଣ କଲେ ଭଲ ହେବବୋଲି ମତାମତ ନେଉଛନ୍ତି । ସବୁ ନେତାଙ୍କୁ ଗୁରୁତ୍ୱ ଦିଆଯାଉଛି। କେବଳ ବିଜେଡ଼ିରେ ଦ୍ୱନ୍ଦ୍ୱ ସୃଷ୍ଟି ପାଇଁ ଉଦ୍ଦେଶ୍ୟମୂଳକ ଭାବେ ରାଜ୍ୟର କିଛି ଗଣମାଧ୍ୟମ ଏମିତି ଚର୍ଚ୍ଚାକୁ ଗୁରୁତ୍ୱ ଦେଉଛନ୍ତି ।

**ବିଜେପି ସହ ଆଉ ବିଜେଡ଼ି ସମ୍ପର୍କ ରଖିବନି ତ ?**

ମୋର ବ୍ୟକ୍ତିଗତ ମତ ହେଉଛି; ବିଜେପି ସହ ବିଜେଡ଼ି ଆଉ ସମ୍ପର୍କ ରଖିବା ଉଚିତ୍ ନୁହେଁ। ସାମାନ୍ୟ ସମ୍ପର୍କ ବି ଦଳକୁ କ୍ଷତି ପହଁଚାଇବ। ବିଜେପି ଏବେ ବୋଝରେ ପରିଣତ ହୋଇସାରିଛି। ୨୦୨୪ରେ ମୋଦି ଓ ବିଜେପି ଶିଖରରେ ପହଁଚି ସାରିଛନ୍ତି। ଦେଶର ରାଜନୀତିକୁ ଅନୁଶୀଳନ କଲେ ଗୋଟିଏ ସମୟରେ ଜଣେ ନେତା ବା ଦଳ ଶିଖରରେ ପହଁଚିବା ପରେ ତଳକୁ ତଳ ଖସିଚାଲନ୍ତି। ବିଜେପି ବି ସେହି ସ୍ଥିତି ଆଡ଼କୁ ଗତି କରୁଛି। ସେଥିପାଇଁ ନିର୍ବାଚନ ଜିଣିବାକୁ ଇଭିଏମର ଖେଳ କରାଯାଉଛି। ଇଡ଼ି, ସିବିଆଇର ବ୍ୟବହାର କରାଯାଉଛି। ଏହାହିଁ ସେମାନଙ୍କ ଆତ୍ମବିଶ୍ୱାସ ଓ ଲୋକପ୍ରିୟତା ହ୍ରାସର ପ୍ରତିଫଳନ।

**ଏବେ ବିଜୁ ଲିଗାସୀ କଥା ଉଠୁଛି । ବିଜେଡ଼ି ଦିଫାଳ ହୋଇଯିବ ବୋଲି ଏକ ବାର୍ତ୍ତା ବି ଯାଉଛି ।**

ଯେଉଁମାନେ ବିଜୁ ଲିଗାସୀ କଥା କହି ଚିତ୍କାର କରୁଛନ୍ତି, ସେମାନେ ବାସ୍ତବରେ ମିରଜାଫର ଲିଗାସୀ । ମିରଜାଫର ଯେଭଳି ପଲାସୀ ଯୁଦ୍ଧରେ ବ୍ରିଟିଶଙ୍କ ସାଥ ଦେଇ ଦେଶକୁ ବ୍ରିଟିଶରଙ୍କ ହାତରେ ଟେକି ଦେଇଥିଲା, ଏବେ ସେମିତି ବିଜେଡ଼ିକୁ ବିଜେପି ହାତରେ ଟେକିଦେବାକୁ କିଛି ମିରଜାଫର ସକ୍ରିୟ ଅଛନ୍ତି । ବିଶ୍ୱାସଘାତକ ଲିଗାସୀରୁ ଆସିଥିବା କିଛି ନେତା ପୂର୍ବରୁ ବିଜୁଙ୍କ ବିରୋଧରେ ବି ଷଡ଼ଯନ୍ତ୍ର କରିଥିଲେ ।

**ଆଗାମୀ ଦିନରେ ବିଜେଡ଼ି ନେତୃତ୍ୱ ସଂକଟର ସାମ୍ନା କରିବାକୁ ଯାଉଛି । ନବୀନଙ୍କ ପରେ କିଏ ଦଳର ନେତାହେବ ତାହା ସ୍ଥିର ହୋଇପାରୁନି ।**

ଆପଣଙ୍କୁ ମୋର ପ୍ରଶ୍ନ, କହିଲେ ଦେଖି, ମୋଦିଙ୍କ ପରେ କିଏ ବିଜେପିର ମଙ୍ଗ ଧରିବେ ? ବିଜେପି କି ଆରଏସଏସକୁ ପଚାରିଲେବି ସେମାନେ ସ୍ପଷ୍ଟ ଭାବେ କହିପାରିବେନି । ଯେପର୍ଯ୍ୟନ୍ତ ଦଳର ନେତା ନେତୃତ୍ୱ ନେଉଛନ୍ତି ସେ ପର୍ଯ୍ୟନ୍ତ ଏକଥା ଭାବିବା ବି ଉଚିତ୍ ହେବନି । ତାହା ସମୟ ହିଁ ନିର୍ଦ୍ଧାରଣ କରିବ । ନବୀନ ବାବୁଙ୍କ ଲୋକପ୍ରିୟତା ଏବେବି କାଏମ ରହିଛି । ସେ କେଉଁଠି ଗୁପଚୁପ ଖାଇଲେବି ବିଜେପିରେ ହଲଚଲ ହେଉଛି । ନବୀନଙ୍କ ପ୍ରତି ଥିବା ଭୟକୁ ଲୁଚାଇବା ପାଇଁ ବିଜେପି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଜରିଆରେ ନାଟକବାଜି କରୁଛି । ହେଲେ ଜନତା, ସବ୍ ଜାନତା । ଆପଣ ଦେଖନ୍ତୁ, ୨୦୨୯ ରେ କ'ଣ ଘଟୁଛି ?

ଗର୍ବିତ ଓଡ଼ିଆ

## ସୋନପୁର

ବିଜେଡ଼ି ବିଧାୟକ ନିରଞ୍ଜନ ପୂଜାରୀଙ୍କୁ ୯୮୨୦୨ ଖଣ୍ଡ ଭୋଟ୍ ମିଳିଥିବାବେଳେ କଂଗ୍ରେସ ପାଇଥିଲା ୨୦୫୦୮ ଭୋଟ୍ । ଦୁଇ ଦଳର ଭୋଟ୍ ମିଶିଲେ ୧୧୮୭୧୦ । ଯାହାକି ବିଜେପି ଠାରୁ ୩୫୭୪୭ ଖଣ୍ଡ ଅଧିକ ।

## ବଲାଙ୍ଗୀର

ବିଜେଡ଼ି ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କୁ ମିଳିଥିଲା ୮୫୨୬୫ ଭୋଟ୍ । କଂଗ୍ରେସ ପାଇଥିଲା ୭୧୮୫୬ ଭୋଟ୍ । ଦୁଇ ଦଳର ଭୋଟ୍ ୧୫୭୧୨୧ ହୋଇଥିବାବେଳେ ବିଜେପି ଠାରୁ ତାହା ୧୩୨୧୮୯ ଖଣ୍ଡ ଅଧିକ ।

## ଖରିଆର

ବିଜେଡ଼ି ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ୯୩୨୪୬ ଭୋଟ୍ ପାଇଥିବାବେଳେ କଂଗ୍ରେସକୁ ୧୩୩୩୦ ଭୋଟ୍ ମିଳିଥିଲା । ଦୁଇ ଦଳର ଭୋଟ୍ ୧୦୬୫୭୬ ହୋଇଥିବାବେଳେ ବିଜେପିଠୁ ପ୍ରାୟ ୨୩ ହଜାର ଅଧିକ ।

## ଡାବୁଗାଁ

ବିଜେଡ଼ି ବିଧାୟକ ମନୋହର ରାନ୍ଧାରୀଙ୍କୁ ୭୭୫୧୧ ଖଣ୍ଡ ଭୋଟ୍ ମିଳିଥିବାବେଳେ କଂଗ୍ରେସକୁ ୫୬୦୫୬ ଭୋଟ୍ ମିଳିଛି । ଉଭୟ ଦଳ ୧୩୩୫୬୭ ଭୋଟ୍ ପାଇଥିବାବେଳେ ବିଜେପି ଠାରୁ ୯୯୨୪୯ ଖଣ୍ଡ ଅଧିକ ।

## ଲାଞ୍ଜିଗଡ଼

ବିଜେଡ଼ି ବିଧାୟକ ପ୍ରଦୀପ ଦିଶାରୀ ୬୦୨୫୪ ଭୋଟ୍ ପାଇଥିବାବେଳେ କଂଗ୍ରେସକୁ ମିଳିଥିଲା ୫୩୭୫୩ ଭୋଟ୍ । ସେମାନଙ୍କର ମୋଟ୍ ଭୋଟ୍ ୧୧୪୦୦୭ ହୋଇଥିବାବେଳେ ବିଜେପି ଠାରୁ ତାହା ୬୪୮୯୪ ଅଧିକ ।

## ଜୁନାଗଡ଼

ବିଜେଡ଼ି ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କୁ ୭୭୦୩୭ ଖଣ୍ଡ ଭୋଟ୍ ମିଳିଥିବାବେଳେ କଂଗ୍ରେସ ପାଇଥିଲା ୩୯୪୯୨ ଭୋଟ୍ । ଉଭୟ ଦଳର ଭୋଟ ୧୧୬୫୨୯ ହୋଇଥିବାବେଳେ ବିଜେପି ଠାରୁ ତାହା ୪୦୮୩୦ ଅଧିକ ରହିଛି ।

## ଭବାନୀପାଟଣା

କଂଗ୍ରେସ ବିଧାୟକ ସାଗର ଚରଣ ଦାସ ୬୭୦୮୫ ଖଣ୍ଡ ଭୋଟ୍ ପାଇଥିବାବେଳେ ବିଜେଡ଼ି ପାଇଥିଲା ୬୮୯୬୩ ଭୋଟ୍ । ଦୁଇ ଦଳର ଭୋଟ୍ ୧୧୭୯୮୨ ହୋଇଥିବାବେଳେ ତାହା ବିଜେପିଠୁ ୬୪୬୩୮ ଖଣ୍ଡ ଅଧିକ ।

## ନର୍ଲା

ବିଜେଡ଼ି ବିଧାୟିକା ମନୋରମା ମହାନ୍ତି ୬୭୫୩୨ ଭୋଟ୍ ପାଇଥିବାବେଳେ କଂଗ୍ରେସକୁ ମିଳିଥିଲା ୬୨୩୨୭ । ଦୁଇ ଦଳର ଭୋଟ୍ ୧୨୯୮୫୯ । ଯାହାକି ବିଜେପିଠୁ ୮୨୪୪୨ ଅଧିକ ।

## ବାଲିଗୁଡ଼ା

ବିଜେଡ଼ି ବିଧାୟକ ଚକ୍ରମଣି କହଁର (ଏବେ ନିଲମ୍ବିତ) ୪୩୫୮୬ ଭୋଟ୍ ପାଇଥିବାବେଳେ କଂଗ୍ରେସ ୪୧୯୧୫ ଭୋଟ ପାଇଥିଲା । ଉଭୟ ଦଳର ଭୋଟ୍ ଥିଲା ୮୫୫୦୧ । ବିଜେପିଠୁ ବିରୋଧୀ ୫୪ ହଜାର ଅଧିକ ଭୋଟ୍ ପାଇଥିଲେ ।

## ଜି. ଉଦୟଗିରି

କଂଗ୍ରେସ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ୫୩୫୩୦ ଭୋଟ୍ ପାଇଥିବାବେଳେ ବିଜେଡ଼ିକୁ ମିଳିଥିଲା ୪୦୩୭୩ । ଦୁଇ ଦଳର ଭୋଟ୍ ୯୩୯୦୩ ଥିବାବେଳେ ତାହା ବିଜେପିଠାରୁ ୪୮୨୩୦ ଅଧିକ ।

## ବାଙ୍କୀ

ବିଜେଡ଼ି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ (ଏବେ ନିଲମ୍ବିତ) ୬୯୨୧୪ ଖଣ୍ଡ ଭୋଟ୍ ପାଇଥିବାବେଳେ କଂଗ୍ରେସକୁ ମିଳିଥିଲା ୪୨୮୯୯ ଭୋଟ୍ । ଉଭୟ ଦଳର ଭୋଟ୍ ଥିଲା ୧୧୨୧୧୩ । ବିଜେପି ଠାରୁ ବିରୋଧୀଙ୍କ ଭୋଟ୍ ୫୯୯୨୫ ଅଧିକ ରହିଥିଲା ।

## ଆଠଗଡ଼

ବିଜେଡ଼ି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୮୬୦୦୬ ଭୋଟ୍ ପାଇଥିବାବେଳେ କଂଗ୍ରେସକୁ ମିଳିଥିଲା ମାତ୍ର ୨୪୦୫ । ଉଭୟ ୮୮୪୧୧ ଭୋଟ୍ ପାଇଥିବାବେଳେ ତାହା ବିଜେପି ଠାରୁ ୫୯୮୯ ଅଧିକ ।

## ବାରବାଟୀ-କଟକ

କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଷ (ଏବେ ନିଲମ୍ବିତ) ୫୩୩୩୯ ଭୋଟ୍ ପାଇଥିବାବେଳେ ବିଜେଡ଼ି ପାଇଥିଲା ୪୦୦୩୫ ଭୋଟ୍ । ଦୁଇ ଦଳ ୯୩୩୭୪ ଭୋଟ୍ ପାଇଥିବାବେଳେ ତାହା ବିଜେପି ଠାରୁ ୪୮୦୩୬ ଅଧିକ ।

## ଚୌଦ୍ୱାର-କଟକ

ବିଜେଡ଼ି ବିଧାୟକ ସୌଭିକ ବିଶ୍ୱାଳ (ଏବେ ନିଲମ୍ବିତ) ୭୨୩୨୫ ଭୋଟ୍ ପାଇଥିବାବେଳେ କଂଗ୍ରେସ ପାଇଥିଲା ୫୧୧୮ ଭୋଟ୍ । ଦୁଇ ଦଳର ଭୋଟ୍ ୭୭୪୪୩ ହୋଇଥିବାବେଳେ ବିଜେପି ଠାରୁ ୨୨୯୩୪ ଅଧିକ ରହିଥିଲା ।

## ସାଲେପୁର

ବିଜେଡ଼ି ବିଧାୟକ ପ୍ରଶାନ୍ତ ବେହେରା ୮୭୭୦୧ ଭୋଟ୍ ପାଇଥିବାବେଳେ କଂଗ୍ରେସ ପାଇଥିଲା ୧୯୯୩୦ ଭୋଟ୍ । ଉଭୟଙ୍କ ଭୋଟ୍ ୧୦୭୬୩୧ ଥିବାବେଳେ ବିଜେପି ଠାରୁ ୨୭୫୨୪ ଭୋଟ୍ ଅଧିକ ରହିଥିଲା ।

## ପାଟକୁରା

ବିଜେଡ଼ି ବିଧାୟକ ଅରବିନ୍ଦ ମହାପାତ୍ର (ଏବେ ନିଲମ୍ବିତ) ୯୦୯୦୫ ଭୋଟ୍ ପାଇଥିବାବେଳେ କଂଗ୍ରେସ ପାଇଥିଲା ୧୨୦୯୧ ଭୋଟ୍ । ମୋଟ୍ ଭୋଟ୍ ୧୦୨୯୯୬ ଥିବାବେଳେ କଂଗ୍ରେସ ଠାରୁ ତାହା ୨୫୯୧୩ ଅଧିକ ।

## କେନ୍ଦ୍ରାପଡ଼ା

ବିଜେଡ଼ି ବିଧାୟକ ଗଣେଶ୍ୱର ବେହେରା ୯୦୧୭୩ ଭୋଟ୍ ପାଇଥିବାବେଳେ କଂଗ୍ରେସକୁ ମିଳିଥିଲା ୭୪୭୮ । ଉଭୟ ୯୭୬୫୧ ଭୋଟ୍ ପାଇଥିବାବେଳେ ତାହା ବିଜେପି ଠାରୁ ୪୨୮୯୬ ଅଧିକ ଥିଲା ।

## ଆଳି

ବିଜେଡ଼ି ବିଧାୟକ ପ୍ରତାପ କେଶରୀ ଦେବ ୭୩୬୭୮ ଭୋଟ୍ ପାଇଥିବାବେଳେ କଂଗ୍ରେସ ୫୪୦୫୦ ଭୋଟ୍ ପାଇଥିଲା । ଦୁଇ ଦଳକୁ ୧୨୭୭୨୮ ଭୋଟ୍ ମିଳିଥିବାବେଳେ ବିଜେପି ଠାରୁ ୮୨୮୭୬ ଅଧିକ ରହିଛି ।

## ରାଜନଗର

ବିଜେଡ଼ି ବିଧାୟକ ଧ୍ରୁବଚରଣ ସାହୁ ୮୧୨୩୭ ଭୋଟ୍ ପାଇଥିବାବେଳେ କଂଗ୍ରେସକୁ ୨୬୨୯୯ ଭୋଟ୍ ମିଳିଛି । ଦୁଇ ଦଳ ୧୦୭୫୩୬ ଭୋଟ୍ ପାଇଥିବାବେଳେ ବିଜେପି ଠାରୁ ତାହା ୪୪୫୪୦ ଭୋଟ୍ ଅଧିକ ।

## ତିର୍ତ୍ତୋଲ

ବିଜେଡ଼ି ବିଧାୟକ ରମାକାନ୍ତ ଭୋଇଙ୍କୁ ଏବେ ନିଲମ୍ବିତ) ୮୩୭୪୦ ଭୋଟ୍ ମିଳିଥିବାବେଳେ କଂଗ୍ରେସକୁ ମିଳିଥିଲା ୪୨୮୫୨ ଭୋଟ୍ । ଉଭୟ ଦଳ ୧୨୬୫୯୨ ଭୋଟ୍ ପାଇଥିଲେ । ଯାହାକି ବିଜେପି ଠାରୁ ୭୧୩୪୭ ଅଧିକ ।

## ବାଲିକୁଦା-ଏରସମା

ବିଜେଡ଼ି ବିଧାୟକ ଶାରଦା ପ୍ରସନ୍ନ ଜେନା ୯୩୫୧୭ ଭୋଟ୍ ପାଇଥିବାବେଳେ କଂଗ୍ରେସ ପାଇଥିଲା ୨୭୯୮୧ ଭୋଟ୍ । ଦୁଇ ଦଳ ୧୨୧୪୯୮ ଭୋଟ୍ ପାଇଥିବାବେଳେ ବିଜେପି ଠାରୁ ତାହା ୫୩୯୪୦ ଅଧିକ ରହିଥିଲା ।

## କାକଟପୁର

ବିଜେଡ଼ି ବିଧାୟକ ତୁଷାରକାନ୍ତି ବେହେରା ୮୪୦୧୦ ଭୋଟ୍ ପାଇଥିବାବେଳେ କଂଗ୍ରେସକୁ ମିଳିଥିଲା ୩୧୩୨୫ ଭୋଟ୍ । ଦୁଇ ଦଳର ଭୋଟ୍ ୧୧୫୩୩୫ ଥିବାବେଳେ ବିଜେପି ଠାରୁ ୫୪୪୭୬ ଖଣ୍ଡ ଅଧିକ ମିଳିଥିଲା ।

## ପୁରୀ

ବିଜେଡ଼ି ବିଧାୟକ ସୁନୀଲ କୁମାର ମହାନ୍ତି ୭୪୭୦୯ ଭୋଟ୍ ପାଇଥିବାବେଳେ କଂଗ୍ରେସ ପାଇଥିଲା ୧୩୧୬୯ । ଦୁଇ ଦଳକୁ ୮୭୮୭୮ ଭୋଟ୍ ମିଳିଥିବାବେଳେ ତାହା ବିଜେପି ଠାରୁ ୧୮୩୪୭ ଅଧିକ ରହିଥିଲା ।

## ଜୟଦେବ

ବିଜେଡ଼ି ବିଧାୟକ ନବକିଶୋର ମଲ୍ଲିକ ୭୬୭୯୦ ଭୋଟ୍ ପାଇଥିବାବେଳେ କଂଗ୍ରେସ ପାଇଥିଲା ୮୨୭୭ ଭୋଟ୍ । ଦୁଇ ଦଳକୁ ୮୫୦୬୭ ଭୋଟ୍ ମିଳିଥିଲା, ଯାହାକି ବିଜେପି ଠାରୁ ୨୯୭୫୦ ଅଧିକ ।

## ଭୁବନେଶ୍ୱର-ମଧ୍ୟ

ବିଜେଡ଼ି ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ୫୩୭୫୯ ଭୋଟ୍ ମିଳିଥିବାବେଳେ କଂଗ୍ରେସକୁ ୩୩୦୮ ଭୋଟ୍ ମିଳିଥିଲା । ବିଜେପି ଠାରୁ ଦୁଇ ଦଳ ଅଧିକ ୩୩୪୫ ଭୋଟ୍ ପାଇଥିଲେ ।

## ଭୁବନେଶ୍ୱର-ଉତ୍ତର

ବିଜେଡ଼ି ବିଧାୟକ ସୁଶାନ୍ତ କୁମାର ରାଉତ ୭୮୧୭୯ ଭୋଟ୍ ପାଇଥିବାବେଳେ କଂଗ୍ରେସ ପାଇଥିଲା ୫୪୨୦ ଭୋଟ୍ । ଦୁଇ ଦଳ ୮୩୫୯୯ ଭୋଟ୍ ପାଇଥିବାବେଳେ ତାହା ବିଜେପି ଠାରୁ ୧୬୭୬୩ ଅଧିକ ରହିଥିଲା ।

## ଜଟଣୀ

ବିଜେଡ଼ି ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ୬୮୧୬୨ ଭୋଟ୍ ପାଇଥିବାବେଳେ କଂଗ୍ରେସକୁ ୪୨୬୨୯ ଭୋଟ୍ ମିଳିଥିଲା । ଦୁଇ ଦଳ ୧୧୦୭୯୧ ଭୋଟ୍ ପାଇଥିବାବେଳେ ତାହା ବିଜେପି ଠାରୁ ୬୭୮୫୦ ଅଧିକ ।

## ବେଗୁନିଆ

ବିଜେଡ଼ି ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ ୯୦୯୬୪ ଭୋଟ୍ ମିଳିଥିବାବେଳେ କଂଗ୍ରେସ ପାଇଥିଲା ୧୮୧୪୪ ଭୋଟ୍ । ଦୁଇ ଦଳ ୧୦୯୧୦୮ ଭୋଟ୍ ପାଇଥିବାବେଳେ ବିଜେପି ଠାରୁ ତାହା ୬୫୯୫୮ ଅଧିକ ।

## ଦଶପଲ୍ଲା

ବିଜେଡ଼ି ବିଧାୟକ ରମେଶ ଚନ୍ଦ୍ର ବେହେରା ୬୨୦୩୯ ଭୋଟ୍ ପାଇଥିବାବେଳେ କଂଗ୍ରେସ ୫୨୫୯ ଭୋଟ୍ ପାଇଥିଲା । ଉଭୟ ଦଳ ୬୭୨୯୮ ଭୋଟ୍ ପାଇଥିବାବେଳେ ତାହା ବିଜେପି ଠାରୁ ୧୧ ହଜାର ଅଧିକ ରହିଥିଲା ।

## ନୟାଗଡ଼

ବିଜେଡ଼ି ବିଧାୟକ ଅରୁଣ କୁମାର ସାହୁ ୮୧୯୫୯ ଭୋଟ୍ ପାଇଥିବାବେଳେ କଂଗ୍ରେସ ମାତ୍ର ୨୬୫୦ ଭୋଟ୍ ପାଇଥିଲା । ଦୁଇ ଦଳକୁ ୮୪୬୦୯ ଭୋଟ୍ ମିଳିଥିବାବେଳେ ବିଜେପି ଠାରୁ ତାହା ୩ ହଜାର ଅଧିକ ।

## ସାନଖେମୁଣ୍ଡି

କଂଗ୍ରେସ ବିଧାୟକ ରମେଶ ଚନ୍ଦ୍ର ଜେନା (ଏବେ ନିଲମ୍ବିତ)ଙ୍କୁ ୬୫୮୬୭ ଭୋଟ୍ ମିଳିଥିବାବେଳେ ବିଜେଡ଼ିକୁ ୫୫୨୦୫ ଭୋଟ୍ ମିଳିଥିଲା । ଉଭୟ ଦଳ ୧୨୧୦୭୨ ଭୋଟ୍ ପାଇଥିଲେ । ଯାହାକି ବିଜେପି ଠାରୁ ୯୮୬୭୬ ଅଧିକ ।

## ହିଞ୍ଜିଳି

ବିଜେଡ଼ି ବିଧାୟକ ନବୀନ ପଟ୍ଟନାୟକ ୬୬୪୫୯ ଭୋଟ୍ ପାଇଥିବାବେଳେ କଂଗ୍ରେସକୁ ୫୩୮୦ ଭୋଟ୍ ମିଳିଥିଲା। ବିଜେଡ଼ି ଓ କଂଗ୍ରେସର ମୋଟ୍ ଭୋଟ୍ ୭୧୮୩୯ ଥିବାବେଳେ ବିଜେପି ଠାରୁ ତାହା ୧୦ ହଜାର ଅଧିକ ।

## ମୋହନା

କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗୋ (ଏବେ ନିଲମ୍ବିତ) ୬୨୧୧୭ ଭୋଟ୍ ପାଇଥିବାବେଳେ ବିଜେଡ଼ି ପାଇଥିଲା ୪୭୩୮୬ ଭୋଟ୍ । ଦୁଇ ଦଳର ଭୋଟ୍ ୧୦୯୫୦୩ ଥିବାବେଳେ ବିଜେପି ଠାରୁ ତାହା ୫୧୪୪୫ ଅଧିକ ।

## ପାରଳାଖେମୁଣ୍ଡି

ବିଜେଡ଼ି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ୫୬୦୨୭ ଭୋଟ୍ ପାଇଥିବାବେଳେ କଂଗ୍ରେସକୁ ୩୫୬୭୪ ଭୋଟ୍ ମିଳିଥିଲା । ଦୁଇ ଦଳର ଭୋଟ୍ ୯୧୭୦୧ ଥିବାବେଳେ ବିଜେପି ଠାରୁ ତାହା ୩୯୬୭୨ ଅଧିକ ।

## ଗୁଣୁପୁର

କଂଗ୍ରେସ ବିଧାୟକ ସତ୍ୟଜିତ ଗମାଙ୍ଗୋ ୭୭୬୩୭ ଭୋଟ୍ ପାଇଥିବାବେଳେ ବିଜେଡ଼ିକୁ ମିଳିଥିଲା ୪୭୭୫୨ ଭୋଟ୍ । ଦୁଇ ଦଳର ଭୋଟ୍ ଥିଲା ୧୨୫୩୮୯ । ବିଜେପି ଠାରୁ ତାହା ୧୦୩୫୮୧ ଅଧିକ ।

## ରାୟଗଡ଼ା

କଂଗ୍ରେସ ବିଧାୟକ ନୀଳମାଧବ ହିକକା ୬୮୪୪୬ ଭୋଟ୍ ପାଇଥିବାବେଳେ ବିଜେଡ଼ିକୁ ୫୮୨୯୬ ଭୋଟ୍ ମିଳିଥିଲା । ଦୁଇ ଦଳ ୧୨୭୪୮୯ ଭୋଟ୍ ପାଇଥିବାବେଳେ ତାହା ବିଜେପି ଠାରୁ ୧୦୨୦୦୯ ଅଧିକ ।

## ବିଷମକଟକ

କଂଗ୍ରେସ ବିଧାୟକ କାଡ୍ରାକା ଆପଲା ସ୍ୱାମୀ ୮୭୪୮୨ ଭୋଟ୍ ପାଇଥିବାବେଳେ ବିଜେଡ଼ି ପାଇଥିଲା ୫୯୦୪୩ ଭୋଟ୍ । ଦୁଇ ଦଳ ୧୪୫୭୭୮ ଭୋଟ୍ ପାଇଥିବାବେଳେ ବିଜେପି ଠାରୁ ତାହା ୧୨୧୨୩୦ ଅଧିକ ରହିଥିଲା ।

## ଲକ୍ଷ୍ମୀପୁର

କଂଗ୍ରେସ ବିଧାୟକ ପବିତ୍ର ସାଉଁଟା ୫୯୪୪୭ ଭୋଟ୍ ପାଇଥିବାବେଳେ ବିଜେଡ଼ି ୩୮୧୮୫ ଭୋଟ୍ ପାଇଥିଲା। ଦୁଇ ଦଳକୁ ୯୭୬୩୨ ଭୋଟ୍ ମିଳିଥିବାବେଳେ ବିଜେପି ଠାରୁ ୭୪୧୨୭ ଅଧିକ ।

## ଜୟପୁର

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ୬୯୫୯୨ ଭୋଟ୍ ପାଇଥିବାବେଳେ ବିଜେଡ଼ିକୁ ୫୬୪୮୧ ଭୋଟ୍ ମିଳିଥିଲା । ଦୁଇ ଦଳ ୧୨୬୦୭୩ ଭୋଟ୍ ପାଇଥିବାବେଳେ ବିଜେପି ଠାରୁ ତାହା ପ୍ରାୟ ୯୫ ହଜାର ଅଧିକ ।

## ପଟାଙ୍ଗୀ

କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡ଼ାମ ୫୨୨୦୨ ଭୋଟ୍ ପାଇଥିବାବେଳେ ବିଜେଡ଼ି ପାଇଥିଲା ୫୦୨୮୩ ଭୋଟ୍ । ଦୁଇ ଦଳର ମିଳିତ ଭୋଟ୍ ହେଉଛି ୧୦୨୪୮୫ । ଯାହାକି ବିଜେପି ଠାରୁ ୬୭୦୨୪ ଅଧିକ ।

## ଚିତ୍ରକୋଣ୍ଡା

କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ପାଇଥିଲେ ୫୫୫୫୦ ଭୋଟ୍ । ଯେତେବେଳେକି ବିଜେଡ଼ି ପାଇଥିଲା ୩୫୧୪୩ । ଦୁଇ ଦଳର ଭୋଟ୍ ୯୦୬୯୩ ଥିବାବେଳେ ବିଜେପି ଠାରୁ ୪୪୩୦୨ ଅଧିକ ।



# ଆପଣଙ୍କ ମନରେ ବାରବାର ଉଙ୍କି ମାରୁଥିବା ପ୍ରଶ୍ନ ?

**ବିଜେଡ଼ି ଓ କଂଗ୍ରେସ ଏକାଠି ଲଢ଼ିଲେ କ'ଣ ଜଣେ ପ୍ରାର୍ଥୀ ଉଭୟ ଦଳର ସବୁ ଭୋଟ୍ ନେଇଯିବ ?**

ନାଁ । ତାହା ସମ୍ଭବ ନୁହେଁ । କାହିଁକିନା ପ୍ରାର୍ଥୀଙ୍କ ଉପରେ ବି ଅନେକ କିଛି ନିର୍ଭର କରେ । କିନ୍ତୁ ଯେଉଁ ସ୍ଥାନରେ ବିଜେଡ଼ି ଓ କଂଗ୍ରେସର ମିଳିତ ଶକ୍ତି ୨୦ ହଜାରରୁ ଉର୍ଦ୍ଧ୍ୱ ଥିବ ସେଠାରେ ମିଳିତ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ଅଧିକ ହୋଇଯିବ ।

---

**ବିଜେଡ଼ି ଓ କଂଗ୍ରେସ ଏକାଠି ଲଢ଼ିଲେ ଉଭୟ ଦଳର ନେତାଙ୍କ ମଧ୍ୟରେ ଟିକେଟ୍‌କୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟିହେବନି କି ?**

ନିଶ୍ଚିତ ଭାବେ ହେବ। କିନ୍ତୁ ଆଜିକା ଦିନରେ ରାଜ୍ୟର ପାଖାପାଖି ୪୦ ଆସନରେ କଂଗ୍ରେସର ଶକ୍ତି ରହିଛି। ବିଜେଡ଼ିର ଶକ୍ତି ୧୪୭ ଆସନରେ ରହିଛି। ଏଠାରେ ଶକ୍ତିମାନେ, ଭଲ ଭୋଟ୍ ବ୍ୟାଙ୍କ କଥା କୁହାଯାଉଛି। ସେଭଳି ସ୍ଥିତିରେ ଆସନ ବୁଝାମଣା ନେଇ ବେଶୀ ଦ୍ୱନ୍ଦ୍ୱ ହେବନି । କିଛି ନେତାଙ୍କୁ ରାଜ୍ୟସଭା, ନିଗମ, ବୋର୍ଡ଼ର ଥୋପ ଦେଇ ସନ୍ତୁଷ୍ଟ କରାଯାଇପାରିବ। ସେହିପରି କଂଗ୍ରେସ ୨୪ ବର୍ଷ ହେଲା କ୍ଷମତାରେ ନଥିବାରୁ କ୍ଷମତା ପାଇଁ ବିଜେଡ଼ିର ଅଧିକାଂଶ ସର୍ତ୍ତରେ ରାଜି ହେଲେ ଆଶ୍ଚର୍ଯ୍ୟ ହେବାର ନାହିଁ ।

---

**ଅତୀତରେ କେବେ ଏମିତି ହୋଇଛି କି ?**

ହଁ ୨୦୦୦ରେ ବିଜେଡ଼ି ଓ ବିଜେପି ମେଣ୍ଟ ହୋଇନଥିଲେ କଂଗ୍ରେସକୁ ହରାଇବା ଏତେ ସହଜ ନଥିଲା । ୧୯୯୦ରେ ବାମଦଳ ସହ ଏକାଠି ହୋଇ ବିଜୁବାବୁ ବିରାଟ ବିଜୟ ହାସଲ କରିଥିଲେ । ଏହାପୂର୍ବରୁ ବି ଓଡ଼ିଶାରେ ମେଣ୍ଟ ରାଜନୀତି ସଫଳ ହୋଇଛି ।

---

**ବିଜେଡ଼ି ଅଣକଂଗ୍ରେସ ଦଳ । ଯଦି କଂଗ୍ରେସ ସହ ମିଶିବ ତେବେ ଭୋଟର ଫିଡ଼ିକିଯିବେନି ତ?**

ଉତ୍ତର : ଆଜିକାଲି ବିଭିନ୍ନ ଦଳକୁ ଦେଖିଲେ, ଆଉ ଦଳର ବିଚାରଧାରା କି ନୀତି ଆଦର୍ଶ ନାହିଁ। ବିଜେଡ଼ିରେ ଅନେକ କଂଗ୍ରେସ ନେତା ପୂର୍ବରୁ ମିଶିଛନ୍ତି । ବିଜେପିରେ ବି ପୁରୁଣା କଂଗ୍ରେସ ନେତା ପ୍ରାର୍ଥୀ ହୋଇ ଜିତିଛନ୍ତି । ଏବେ ଆଦର୍ଶବାଦ, ବିଚାରାଧାରାକୁ ନେଇ ନୁହେଁ ଭୋଟ୍ ଗଣିତକୁ ନେଇ ନିର୍ବାଚନ ଲଢ଼ାଯାଉଛି ।

---

**ବିଜେପି ସରକାର ଯଦି ଲୋକପ୍ରିୟ ହେବ, ତେବେ ଏଭଳି ମେଣ୍ଟ ଗଣିତ କେମିତି ସଫଳ ହେବ? ୨୦୦୯ରୁ ତ ବିଜେଡ଼ି ଏକା ଲଢ଼ି ଜିତିଥିଲା।**

ବିଜେପି-କଂଗ୍ରେସ ମଧ୍ୟରେ ଅହିନକୁଳ ସମ୍ପର୍କ । ଯଦି ବିଜେପି-କଂଗ୍ରେସ ମେଣ୍ଟ ହୋଇଥା'ନ୍ତା ନବୀନ ବାବୁ ବାରମ୍ବାର ସେଞ୍ଚୁରୀ ମାରିପାରିନଥା'ନ୍ତେ। ସେଭଳି ମେଣ୍ଟ ଚିନ୍ତା କେବେ କଳ୍ପନା ହିଁ କରାଯାଇପାରିବନି। କିନ୍ତୁ ବିଜେଡ଼ି-କଂଗ୍ରେସ ଭିତରେ ୨୦୦୯ ପରଠାରୁ ଆଉ ଅହିନକୁଳ ସମ୍ପର୍କ ନାହିଁ । ଏବେ ଦୁଇ ଦଳର ଆଗଧାଡ଼ିର ନେତାମାନେ କ୍ଷମତା ପାଇଁ ମେଣ୍ଟ ହେବାର ଆବଶ୍ୟକତା ରହିଛି ବୋଲି ଯୁକ୍ତି ବାଢୁଛନ୍ତି ।

---

**ଯଦି ତ୍ରିକୋଣୀୟ ମାନେ ବିଜେଡ଼ି, କଂଗ୍ରେସ ଓ ବିଜେପି ମଧ୍ୟରେ ମୁକାବିଲା ହେବ, ତାହେଲେ?**

ଉତ୍ତର : ଆଜିକା ଦିନର ରାଜନୀତିକ ସ୍ଥିତିକୁ ପରଖିଲେ ବିଜେପି ଆଗରେ ରହିବ । କାହିଁକିନା ବିଜେଡ଼ି ପୁରୁଣା ଫର୍ମକୁ ଫେରିବା ମୁସ୍କିଲ । କଂଗ୍ରେସ ଅବସ୍ଥା ତ ବୁଡ଼ିଗଲା ଗୋଡ଼ ତଳକୁ ତଳ ଭଳି । କେବଳ ବିଜେଡ଼ି-କଂଗ୍ରେସ ମଧ୍ୟରେ ମେଣ୍ଟ ହିଁ ବିଜେପିକୁ ହରାଇବାର ଏକମାତ୍ର ବିକଳ୍ପ ।

## ବାଲେଶ୍ୱର ବିଜେପି

# ରବୀନ୍ଦ୍ର-ପ୍ରତାପ ଛକାପଞ୍ଝା

ବାଲେଶ୍ୱରବିଜେପିରେଏବେଶୀତଳଯୁଦ୍ଧ ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ଅଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ଆରପଟେ ଅଛନ୍ତି, ନୂଆ କରି ପଦ୍ମପୋଖରୀରେ ବୁଡ଼ ପକାଇଥିବା ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା। ବିଜେଡ଼ିରେ ଥିବା ତାଙ୍କର ସେନାକୁ ସମ୍ପୂର୍ଣ୍ଣ ଭାବେ ବିଜେପିରେ ମିଶାଇ ରବୀନ୍ଦ୍ର ଜିଲ୍ଲା ବିଜେପିର ମଙ୍ଗୁଆଳ ସାଜିବାକୁ ଯୋଜନା କରିଛନ୍ତି । ରବୀନ୍ଦ୍ରଙ୍କ ଉଦ୍ଦେଶ୍ୟକୁ ଜାଣିବା ପରେ ପ୍ରତାପ ଏବେଠାରୁ ତାଙ୍କୁ ଚେକ୍ ଦେବା ଆରମ୍ଭ କରିଛନ୍ତି । ଉପରେ ଉପରେ କୋଳାକୋଳି ହେଉଥିଲେବି ଭିତରେ କିନ୍ତୁ ଜୋରଦାର କଳି ଓ ଛକାପଞ୍ଝା ଚାଲିଛି ।

ରବୀନ୍ଦ୍ର ବିଜେପିରେ ମିଶିବା ପରେ ପ୍ରତାପ ଷଡ଼ଙ୍ଗୀ ଯେଉଁ ମନ୍ତବ୍ୟ ଦେଇଛନ୍ତି ତା'ଭିତରେ ବହୁ ରହସ୍ୟ ଛପିରହିଛି । ସେ ସିଧାସିଧା କହିଛନ୍ତି, ଏନେଇ ଦଳ ପକ୍ଷରୁ ତାଙ୍କର ମତାମତ ନିଆଯାଇନି। ରବୀନ୍ଦ୍ର ଦଳରେ ମିଶିଲେ ବିଜେପି ମଜବୁତ୍ ହେବବୋଲି ସେ ଭାବୁନାହାନ୍ତି। ପ୍ରତାପ ଏଭଳି ମିଶ୍ରଣକୁ ନେଇ କେତେ ଖପ୍ପା ଏଥିରୁ ସ୍ପଷ୍ଟ ଅନୁମେୟ ।

ଏବେ ଆସିବା ବସ୍ତା ଆଡ଼କୁ । ବସ୍ତାରେ ଏବେ ବିଧାୟିକା ଅଛନ୍ତି ସୁବାସିନୀ ଜେନା। ଇତିମଧ୍ୟରେ ବସ୍ତା ବିଜେଡ଼ିର ଆଗଧାଡ଼ିର ନେତାଙ୍କୁ ରବୀନ୍ଦ୍ର ବିଜେପିରେ ମିଶାଇ ସାରିଛନ୍ତି । ଆଗାମୀ ୨୦୨୯ ନିର୍ବାଚନରେ ବସ୍ତାରୁ ବିଜେପି ଟିକେଟ୍ ପାଇଁ ସୁବାସିନୀ ଲକ୍ଷ୍ୟ ରଖିଛନ୍ତି। ସେପଟେ ପ୍ରତାପଙ୍କ ସମର୍ଥକ ତଥା ଗତଥର ବିଜେପି ଟିକେଟରେ ଲଢ଼ିଥିବା ରବୀନ୍ଦ୍ର ନାଥ ଅଣ୍ଡିଆ କିନ୍ତୁ ସୁବାସିନୀଙ୍କୁ ସମର୍ଥନ




କରୁନାହାନ୍ତି । ରବୀନ୍ଦ୍ର କ୍ଷମତାରେ ଥିବାବେଳେ ବିଜେଡ଼ିର ଦୁଇ ଟାଣୁଆ ନେତାଙ୍କ ଚେର କାଟିଦେଇଥିଲେ । ଜଣେ ହେଉଛନ୍ତି ରଘୁନାଥ ମହାନ୍ତି ଓ ଅନ୍ୟଜଣେ ହେଉଛନ୍ତି ଜୀବନପ୍ରଦୀପ ଦାସ। ରବୀନ୍ଦ୍ର ବିଜେପିରେ ଯୋଗଦେବା ପରେ ଏହି ଦୁଇ ନେତା ବିଜେଡ଼ିକୁ ପଳାଇ ଆସିଛନ୍ତି। ରଘୁନାଥ ଏବେ ବସ୍ତା ବିଜେଡ଼ିର ମଙ୍ଗ ଧରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି ।

ଅବଶ୍ୟ ରବୀନ୍ଦ୍ର ବିଜେପିକୁ ଆସିବା ପରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଖୁସି ହୋଇ ଯାଇଛନ୍ତି । କାହିଁକିନା ଗତ ନିର୍ବାଚନରେ ରବୀନ୍ଦ୍ର ହିଁ ତାଙ୍କ ପାଇଁ ବିଜେପି ଟିକେଟ୍ କରାଇ ଦେଇଥିଲେ । ଏମିତିବି ପ୍ରତାପଙ୍କ ସହ ସନ୍ତୋଷଙ୍କର ସୁସମ୍ପର୍କ ହିଁ ନଥିଲା ।

ସେହିପରି ବାଲେଶ୍ୱର ସଦରର କିଛି ନେତାଙ୍କୁ ରବୀନ୍ଦ୍ର ଜେନା ବିଜେପିକୁ ନେବାରେ ସଫଳ ହୋଇଛନ୍ତି । ଏକଦା ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ ଥିଲେ ରବୀନ୍ଦ୍ର ଜେନାଙ୍କ ଅନୁଗତ । କିନ୍ତୁ ରାଜନୀତିକ ସ୍ୱାର୍ଥ କାରଣରୁ ଉଭୟଙ୍କ ମଧ୍ୟରେ ଅନେକ ଦିନ ଧରି ବିବାଦ ରହିଥିଲା । ବାଲେଶ୍ୱର ସଦର ଉପନିର୍ବାଚନରେ ରବୀନ୍ଦ୍ର ଚେର କାଟିଥିଲେ ବୋଲି ନବୀନ ବାବୁ ଜାଣିବା ପରେ ତାଙ୍କୁ କୋଣଠେସା କରିବାକୁ ବାଧ ହୋଇଥିଲେ । ସେପଟେ ଭୋଗରାଇ ବ୍ଲକ ଅଧ୍ୟକ୍ଷ ହେଉଛନ୍ତି ରବୀନ୍ଦ୍ର ଜେନାଙ୍କ ସମର୍ଥକ । ତାଙ୍କୁ ବି ସେ ବିଜେପିକୁ ନେବାକୁ ଯୋଜନା କରିଥିଲେ । ହେଲେ ପ୍ରତାପ ଷଡ଼ଙ୍ଗୀ ତାହା କରାଇ ଦେଇନଥିଲେ । କାହିଁକିନା ରବୀନ୍ଦ୍ରଙ୍କ ହାତରେ ସଂଗଠନ ଥିବାବେଳେ ବିପୁଳ ଅର୍ଥ ବି ରହିଛି । ଯଦି ସେ ଏବେଠାରୁ ରବୀନ୍ଦ୍ରଙ୍କୁ ଚେକ୍ ନଦେବେ, ତେବେ ଆଗାମୀ ଦିନରେ ବାଲେଶ୍ୱରରେ ବି ତାଙ୍କ ପତିଆରା କମିଯିବ । ଖାରବେଳ ସ୍ୱାଇଁଙ୍କ ଭଳି ସେ ବି ଦିନେ ଦଳ ପାଇଁ ଅପାଂକ୍ତେୟ ହୋଇପଡ଼ିବେ ।

ରବୀନ୍ଦ୍ରଙ୍କୁ ନେଇ ପ୍ରତାପ ଷଡ଼ଙ୍ଗୀ ବି ଦଳକୁ ଚରମବାଣୀ ଦେଇଛନ୍ତି । ରବୀନ୍ଦ୍ର କିମ୍ବା ତାଙ୍କ ପତ୍ନୀଙ୍କୁ ନିର୍ଦ୍ଦିଷ୍ଟ ନିର୍ବାଚନମଣ୍ଡଳୀ ଭିତରେ ସୀମିତ ରଖିବାକୁ ପ୍ରତାପ ଚାହୁଁଛନ୍ତି। ବିଜେଡ଼ିରେ ଥିବାବେଳେ ସେ ଯେମିତି ବାଲେଶ୍ୱର ଜିଲ୍ଲାର ସବୁ ନିର୍ବାଚନମଣ୍ଡଳୀରେ ମୁଣ୍ଡ ଖେଳାଉଥିଲେ ସେଭଳି ବିଜେପିରେ ନକରନ୍ତୁ ବୋଲି ପ୍ରତାପ ଦଳକୁ କହିଥିବା ଜାଣିବାକୁ ମିଳିଛି। ତେବେ ସେ ଯାହାହେଉନା କାହିଁକି ରବୀନ୍ଦ୍ରଙ୍କର ଅନେକ ସମର୍ଥକ ଏବେ ଦ୍ୱନ୍ଦ୍ୱରେ ରହିଛନ୍ତି । ବିଜେପିକୁ ଗଲେ ସେମାନେ ପାଇବେ କ'ଣ ବୋଲି ରବୀନ୍ଦ୍ରଙ୍କୁ ପଚାରିଛନ୍ତି। ଯଦି ବିଜେପିରେ ତାଙ୍କୁ ଗୁରୁତ୍ୱନମିଳେ ତେବେ ଯାଇକି କ'ଣ ଲାଭ ବୋଲି କହିଛନ୍ତି। ଅପରପକ୍ଷରେ ପ୍ରତାପଙ୍କ ମାନଭଞ୍ଜନ ପାଇଁ ରବୀନ୍ଦ୍ର ଉଦ୍ୟମ ଜାରି ରଖିଛନ୍ତି । କିନ୍ତୁ ପ୍ରତାପ ବୁଝିବା ସ୍ଥିତିରେ ନାହାନ୍ତି ବୋଲି ଦଳୀୟ ଅଳିନ୍ଦରୁ ଜାଣିବାକୁ ମିଳିଛି ।

## ନବୀନଙ୍କୁ ଛାଡ଼ିଲେ, ମୋହନଙ୍କୁ ଧରିଲେ

# ବିଜେଡ଼ିକୁ ବରଦାଙ୍କ ଝଟକା

ମୋହନ ମାଝୀ ମୁଖ୍ୟମନ୍ତ୍ରୀ ହେବାପରେ କେନ୍ଦୁଝରରେ ବିଜେଡ଼ି ଭୁଷୁଡ଼ିବାରେ ଲାଗିଛି। ଯାହାର ନଜିର ଏବେ ଦେଖିବାକୁ ମିଳିଛି। କେନ୍ଦୁଝର ମୁନିସପାଲଟି ନିର୍ବାଚନରେ ବିଜେପି ନେତ୍ରୀ ନିକୁ ସାହୁ ବାଜିମାତ୍ କରିଥିଲେ। ହେଲେ ୨୧ କାଉନସିଲରଙ୍କ ମଧ୍ୟରୁ ବିଜେଡ଼ି ୧୩ ଓ ବିଜେପି ୮ ଆସନ ପାଇଥିଲା। ଫଳରେ ବିଜେଡ଼ି କାଉନସିଲର ହିଁ ଉପାଧ୍ୟକ୍ଷ ହୋଇଥିଲେ। ଏବେ କିନ୍ତୁ ଉପାଧ୍ୟକ୍ଷ ତଥା ୧୯ ନମ୍ବର ୱାର୍ଡ଼ର କାଉନସିଲର ବରଦା ପ୍ରସନ୍ନ ଦାସଙ୍କ ସମେତ ୯ ବିଜେଡ଼ି କାଉନସିଲର ଦଳକୁ ବାଏବାଏ କରିଛନ୍ତି। ବରଦା ହେଉଛନ୍ତି କେନ୍ଦୁଝର ସଦର ରାଜନୀତିର ଜଣେ ଚର୍ଚ୍ଚିତ ଚେହେରା। ଗତ ପୌର ନିର୍ବାଚନରେ ସେ ଜିଦ୍ କରି ଟିକେଟ ନେବା ସହ ଉପାଧ୍ୟକ୍ଷ ବି ହୋଇଥିଲେ। ଫଳରେ ବିଜେଡ଼ି ତାଙ୍କ ଉପରେ ଫିଡ଼ିକି ଯାଇଥିଲା। ବିଜେଡ଼ି କ୍ଷମତାରେ ଥିବାବେଳେ ମଧ୍ୟ ତାଙ୍କୁ ଗୁରୁତ୍ୱ ଦେଉନଥିବାରୁ ମନେମନେ ସେ ରାଗ ରଖିଥିଲେ। ଏବେ ମଉକା ପାଇଁ ବିଜେଡ଼ିକୁ ଜୋରଦାର ଝଟକା ଦେଇଛନ୍ତି। ବରଦାଙ୍କ ନେତୃତ୍ୱରେ କାଉନସିଲର ଶରତ କୁମାର ସାହୁ, ଅବିନାଶ ମିଶ୍ର, ଦୟାନିଧି ପାତ୍ର, ପଦ୍ମିନୀ ପାତ୍ର, କରୁଣାକର ମାରାଣ୍ଡି, ଭଗବାନ ନାୟକ, ସବିତା ପଟ୍ଟନାୟକ ଓ ହେମନ୍ତ କୁମାର ପତି ବିଜେଡ଼ି ଛାଡ଼ିଛନ୍ତି। ବିଜେଡ଼ିର ୧୩ କାଉନସିଲରଙ୍କ ମଧ୍ୟରୁ ୯ ଜଣ ଦଳ ଛାଡ଼ିଥିବାରୁ ଦଳବିରୋଧୀ



ଆଇନ୍ ଲାଗୁହେବନି କି ପଦ ବି ଯିବନି। ସେମାନେ ସମେସ୍ତ ଚାହିଁଲେ ବିଜେପିରେ ମିଶ୍ରଣ ହୋଇପାରିବେ ।

# 'ପଦ୍ମଫୁଲ': ସବୁ ଗୋଲ୍‌ମାଲ୍






ଜଟଣୀ ରାଜନୀତି

ଜଟଣୀରେ ଆଜିଯାଏଁ ପଦ୍ମ ଫୁଟିନି । ୨୦୨୯ରେ ଫୁଟିବ କି ନାହିଁ, ସେକଥା ଏବେଠୁ କହିହେବନି । ପଞ୍ଚାୟତ ଓ ପୌର ନିର୍ବାଚନରେ ଜଟଣୀ ପଦ୍ମପୋଖରୀରେ କେତେ ଫୁଲ ତାହା ଜଣାପଡ଼ିଯିବ । ତେବେ ବିଜେପି ସରକାରକୁ ଆସିବା ପରେ ଜଟଣୀ ଉପରେ ବହୁ ନେତା ଆଖି ପକାଇଛନ୍ତି । ଜଟଣୀ ଟିକେଟ୍ ରେସରେ ଆଗରେ ରହିଛନ୍ତି ବିଶ୍ୱରଞ୍ଜନ ବଡ଼ଜେନା । ଏବେ ସେ ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ଥିବାବେଳେ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଖାସ୍ ଅନୁଗତ ଭାବେ ଜଣାଶୁଣା । ତେବେ ୨୦୧୯ ଓ ୨୦୨୪ରେ ସେ ଟିକେଟ୍ ପାଇଥିଲେ ବି ହାରି ଯାଇଥିଲେ । ତେଣୁ ୨୦୨୯ରେ ବିଜେପି ଟିକେଟ ବାଣ୍ଟିବାର କ'ଣ ଫର୍ମୁଲା ରହିବ ତାହା ଉପରେ ତାଙ୍କ ଟିକେଟ୍ ନିର୍ଭର କରେ । ଦଳ କ୍ଷମତାରେ ନଥିବାବେଳେ ଟିକେଟ୍ ପାଇବାର ଫର୍ମୁଲା ଓ କ୍ଷମତାରେ ଥିବାବେଳେ ଟିକେଟ୍‌ର ଫର୍ମୁଲା ସାଧାରଣତଃ ଭିନ୍ନ ଥାଏ ।

ବିଶ୍ୱଙ୍କ ଭଳି ୨୦୨୯ରେ ଜଟଣୀ ଟିକେଟ୍ ପାଇବାକୁ ଆଶା ରଖିଛନ୍ତି ସୁଦୀପ୍ତ ରାୟ । ଏକଦା ଜଟଣୀ ବିଜେପି କହିଲେ ସୁଦୀପ୍ତଙ୍କୁ ବୁଝାଉଥିଲା । ୨୦୦୯ ଓ ୨୦୧୪ରେ ସେ ଟିକେଟ୍ ପାଇଥିଲେବି ଅମାନତ ହରାଇଥିଲେ । ଗାଏମୋଟ୍ କହିଲେ କଂଗ୍ରେସ ଓ ବିଜେଡ଼ିର ଦବଦବା ଭିତରେ ବିଜେପି ସେଠାରେ ସ୍ୟାଣ୍ଡୱିଚ୍ ହୋଇଯାଇଥିଲା । ସୁଦୀପ୍ତ ଏବେ ରାଜ୍ୟ ବିଜେପି କାର୍ଯ୍ୟକ୍ରମରେ ବେଶ୍ ସକ୍ରିୟ ଅଛନ୍ତି । ତେଣୁ ସେ ଏଥର ଜଟଣୀରୁ ବିଧାନସଭାକୁ ଯିବା ପାଇଁ ଲକ୍ଷ୍ୟ ରଖିଛନ୍ତି ।

ବିଜେପିର ଯୁବ ମୁଖପାତ୍ର ଅନୀଲ ବିଶ୍ୱାଳ ଏବେ ସାରା ଓଡ଼ିଶାରେ ପରିଚିତ । ଗୋଟିଏ ପଟେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ତାଙ୍କର ସମ୍ପର୍କ ମଜବୁତ୍ ଥିବାବେଳେ ଗଣମାଧ୍ୟମରେ ଦଳର ପକ୍ଷ ରଖିବାରେ ସିଦ୍ଧହସ୍ତ । ଜାତୀୟସ୍ତରର ବିଭିନ୍ନ କାର୍ଯ୍ୟକ୍ରମରେ ସେ ରାଜ୍ୟ ବିଜେପିର ପ୍ରତିନିଧିତ୍ୱ କରୁଛନ୍ତି । ଜଟଣୀରେ ସେ ସଂଗଠନ ଆରମ୍ଭ କରିଥିବାବେଳେ ଶିକ୍ଷିତ ଯୁବପୀଢ଼ିଙ୍କ ସମର୍ଥନ ସାଉଁଟିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ।

ଏମାନଙ୍କ ବ୍ୟତୀତ ଅନ୍ୟ ନେତା ବି ବିଜେପି ଟିକେଟ୍ ଉପରେ ଆଖି ପକାଇଥିବା ଚର୍ଚ୍ଚା ହେଉଛି । ଜଟଣୀର ଦିବଂଗତ ନେତା ଶରତ ପାଇକରାୟଙ୍କ ପୁଅ ସୂରଜ ପାଇକରାୟ ଏବେ ସଂଗଠନ ଆରମ୍ଭ କରିଦେଇଛନ୍ତି । ଏକଦା ଜଟଣୀରେ ଶରତ ଓ ସୁରଙ୍କ ମଧ୍ୟରେ ହିଁ ଲଢ଼େଇ ହେଉଥିଲା । ଶରତଙ୍କ ଲିଗାସୀକୁ ଆଗକୁ ନେବା ପାଇଁ ସୂରଜ ଉଦ୍ୟମ କରୁଥିଲେବି ଶରତଙ୍କ ସମର୍ଥକମାନେ ଆଉ ଏକାଠି ହୋଇ ରହିନାହାନ୍ତି । ଯିଏ ଯାହା ସୁବିଧା ଦେଖି ବିଭିନ୍ନ ଦଳକୁ ଚାଲି ଯାଇଛନ୍ତି । ସୂରଜ କୌଣସି ଦଳୀୟ ସଂଗଠନ କରୁନଥିବାବେଳେ କେବଳ ସାମାଜିକ କାର୍ଯ୍ୟକ୍ରମରେ ହିଁ ଯୋଗ ଦେଉଛନ୍ତି । ତେବେ ସେ ତାଙ୍କର ପୋଷ୍ଟରେ ମୋହନ, ମନମୋହନ, ଅପରାଜିତାଙ୍କୁ ଟ୍ୟାଗ୍ କରୁଥିବାରୁ ସେ ବିଜେପି ଟିକେଟ ପାଇଁ ଆଶା ବାନ୍ଧିଥିବା କହିଲେ ଅତ୍ୟୁକ୍ତି ହେବନାହିଁ ।

ଏସବୁ ଭିତରେ ଆଉ ଏକ ବଡ଼ ଚର୍ଚ୍ଚା, ଜଟଣୀ ରାଜନୀତିରେ ଅନେକ ଦିନ ଧରି ଚାଲିଛି । ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ ମଧ୍ୟ ବିଜେପି ସହ ଯୋଗସୂତ୍ରରେ ରହିଛନ୍ତି । ୨୦୨୯ରେ ସେ ପୁଅଙ୍କ ପଲଟିକାଲ ଏଣ୍ଟ୍ରି ପାଇଁ ଯୋଜନା କରୁଥିବା କୁହାଯାଉଛି । ଏସବୁ ଅଙ୍କ ଭିତରେ ବିଜେପି ଅଙ୍କ ଗୋଲମାଲ୍ କହିଲେ ଭୁଲ୍ ହେବନି ।

ଏବେବି ଜଟଣୀରେ ବିଜେପି ବିଜୟ ସ୍ଥିତିରେ ନାହିଁ । ୨୦୨୪ ଅଙ୍କ ଏଇଆ ହିଁ ଦର୍ଶାଉଛି । ସେହିପରି କଂଗ୍ରେସର ଭଲ ଭୋଟ୍ ବ୍ୟାଙ୍କ ଥିବାରୁ ସୁର ରାଉତରାୟ ବି ସକ୍ରିୟ ହେବା ଆରମ୍ଭ କଲେଣି । ବିଜେଡ଼ି-କଂଗ୍ରେସର ସାଂଗଠନିକ ଶକ୍ତି ଭିତରେ ପଦ୍ମଫୁଲ ଫୁଟିବ କି ନାହିଁ ପଞ୍ଚାୟତ ଓ ପୌର ନିର୍ବାଚନରେ ଜଣାପଡ଼ିଯିବ । ଦଳ ସରକାରକୁ ଆସିବା ପରେ ଯଦି ବ୍ଲକ ଅଧ୍ୟକ୍ଷ ବିଜେପି କବଜା କରିନପାରିବ ତେବେ ୨୦୨୯ ପାଇଁ ଆଶା ରଖିବା ବୋକାମୀ ହେବ । ଏସବୁ ଭିତରେ ଆଉ ଏକ ଅଙ୍କକୁ ବି ନଜରଅନ୍ଦାଜ କରିହେବନି । ସମ୍ପ୍ରତି ବିଜେଡ଼ି ଓ କଂଗ୍ରେସ ମେଣ୍ଟ ନେଇ ଚର୍ଚ୍ଚା ହେଉଥିବାବେଳେ, ତାହା ଯଦି ବାସ୍ତବ ରୂପ ନିଏ ତେବେ ୨୦୨୯ରେ 'ପଦ୍ମଫୁଲ' ଫୁଟିବା ମୁସ୍କିଲ୍ ହୋଇପଡ଼ିବ ।

ODIA WEEKLY • GARVIT ODIA

# ଖୋର୍ଦ୍ଧା ସହରରେ ଖସୁଛନ୍ତି **ଗଣେଶ**



ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେପିକୁ ପ୍ରଥମ ବିଜୟର ସ୍ୱାଦ ଚଖାଇଥିଲେ ପ୍ରଶାନ୍ତ ଜଗଦ୍ଦେବ (ଗଣେଶ) । ୨୪ ବର୍ଷ ଧରି ଖୋର୍ଦ୍ଧାରେ ଗୁରୁ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଓ ଶିଷ୍ୟ ରାଜେନ୍ଦ୍ର କୁମାର ସାହୁଙ୍କର ରାଜ୍ ଚାଲିଥିଲା । ହେଲେ ଗୁରୁ ଶିଷ୍ୟଙ୍କ ବିଜୟପଥରେ ବ୍ରେକ୍ ଲଗାଇଥିଲେ ଗଣେଶ । ଅବଶ୍ୟ ଜିତୁ ମିତ୍ରଙ୍କର ସହଯୋଗ ପାଇନଥିଲେ ରାଜଙ୍କୁ ହରାଇବା ମୁସ୍କିଲ୍ ବ୍ୟାପାର ଥିଲା । ତେବେ ସେ ଯାହାହେଉନା କାହିଁକି ୧୯୯୦ ଦଶକରୁ ଗଣେଶଙ୍କର ଖୋର୍ଦ୍ଧା ବିଧାୟକ ହେବାର ସ୍ୱପ୍ନ ସାକାର ହୋଇଥିଲା । ବେଗୁନିଆ ବିଧାୟକ ଥିବାବେଳେ ସମସ୍ତେ ତାଙ୍କୁ ପରିଶ୍ରମୀ ଓ କାମିକା ନେତା ଭାବେ ଜାଣିଥିଲେ । ସେହିପରି ବେଗୁନିଆ, ଚିଲିକା ପରେ ଖୋର୍ଦ୍ଧାରେ ଜିଣି ସେ ଇତିହାସ ରଚିଥିଲେ । ତିନି ଥର ବିଧାୟକ, ତାହା ପୁଣି ଭିନ୍ନ ଭିନ୍ନ ନିର୍ବାଚମଣ୍ଡଳୀରୁ । ଏହା ଏକ ଐତିହାସିକ ସଫଳତା କହିଲେ ଭୁଲ୍ ହେବନାହିଁ ।

କିନ୍ତୁ, ଚବିଶ ଧରି ଖୋର୍ଦ୍ଧାରୁ ହିଁ ଖୋର୍ଦ୍ଧାର ଶାସନ ଚାଲିଥିଲା । ଅର୍ଥାତ୍ ଜିତୁ ହୁଅନ୍ତୁ କି ରାଜ, ସମସ୍ତଙ୍କ ଘର ଖୋର୍ଦ୍ଧାରେ । ବିଧାନସଭା ବା ସେଭଳି କାମ ନଥିଲେ ଦୁଇ ନେତାଙ୍କୁ କର୍ମୀ, ନେତା ଓ ସାଧାରଣ ଜନତା ଆରାମରେ ପାଉଥିଲେ । ପ୍ରତିଦିନ ସକାଳେ ଓ ସଞ୍ଜରେ ଜିତୁ ଓ ରାଜଙ୍କ ଘରେ ଜମୁଥିଲା ଦରବାର । କର୍ମୀ ହୁଅନ୍ତୁ କି ସାଧାରଣ ଲୋକଟେ ସିଧାସଳଖ ଭାବେ କଥା ହୋଇ ନିଜ ଦୁଃଖସୁଖ ସହଜରେ ଜଣାଇପାରୁଥିଲା । କିନ୍ତୁ ଏବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଭୁବନେଶ୍ୱରରେ ହିଁ ରହୁଛନ୍ତି । ଭୁବନେଶ୍ୱରରେ ହିଁ ଖୋର୍ଦ୍ଧାର ଦରବାର ଚାଲୁଛି । ପୂର୍ବଭଳି ଖୋର୍ଦ୍ଧା ସହରର ଲୋକମାନେ ଯେତେବେଳେ ଚାହୁଁଛନ୍ତି, ସେତେବେଳେ ବିଧାୟକଙ୍କୁ ପାଉନାହାନ୍ତି । ସେମାନଙ୍କୁ ଭୁବନେଶ୍ୱର ଯିବାକୁ ପଡୁଛି ନଚେତ୍ ପ୍ରଶାନ୍ତ କେବେ ଖୋର୍ଦ୍ଧା ଆସିବେ ଅପେକ୍ଷା କରିବାକୁ ପଡୁଛି । ଯାହାକି ଖୋର୍ଦ୍ଧା ସହରର କର୍ମୀ ଓ ସାଧାରଣ ଜନତାଙ୍କୁ କ୍ଷୁବ୍ଧ କରିଛି । ଏହାର ଫାଇଦା ନେବାକୁ ଉଦ୍ୟମ କରୁଛନ୍ତି ରାଜେନ୍ଦ୍ର ସାହୁ । ଗଣେଶ ନିୟମିତ ବ୍ୟବଧାନରେ ଅଭିଯୋଗ ଶୁଣାଣୀ କରୁଥିଲେବି ଖୋର୍ଦ୍ଧା ସହରର ଲୋକଙ୍କୁ ଟିକେ ଖାପଛଡ଼ା ଲାଗୁଛି ।

ପ୍ରଶାନ୍ତ ଭଲ ଭାଷଣ ଦିଅନ୍ତି । ସଭାରେ ହଜାର ହଜାର ଲୋକ ଗଦେଇବାରେ ବି ସେ ମାହିର । କିନ୍ତୁ ଆଜିକାଲି ଗଣେଶଙ୍କର ସମୟ ଜ୍ଞାନ ରହୁନଥିବା କୁହାଯାଉଛି । ମାନେ ଯେଉଁ ସମୟରେ ପହଁଚିବାକୁ କହୁଥିବେ ତାହାର ଦୁଇ ତିନି ଘଣ୍ଟା ବିଳମ୍ବ ବି ହେଉଛି । ସେହିପରି ଭାଷଣ ଆରମ୍ଭ କଲେ, ଢିଙ୍କିଶାଳରୁ ଢେଙ୍କାନାଳ ଯାଏଁ ଘଣ୍ଟା ଘଣ୍ଟା ଧରି କହୁଛନ୍ତି । ଇଚ୍ଛାନଥିଲେବି ବିଧାୟକ କହୁଛନ୍ତି ବୋଲି ସଭାରେ ଉପସ୍ଥିତ ଲୋକମାନେ ନୀରବରେ ଶୁଣିବାକୁ ବାଧ ହେଉଛନ୍ତି । ଗାଁ ଗହଳିରେ ହୁଏତ ଗଣେଶଙ୍କର ଏଭଳି ଆଚରଣର ପ୍ରଭାବ ପଡ଼ିନପାରେ, କିନ୍ତୁ ଖୋର୍ଦ୍ଧାର ବୁଦ୍ଧିଜୀବୀମାନେ କ୍ଷୁବ୍ଧ ଥିବା ଜାଣିବାକୁ ମିଳିଛି । ଫଳରେ ଖୋର୍ଦ୍ଧା ଟାଉନ୍‌ରେ ଗଣେଶଙ୍କ ପ୍ରତି ଜନସମର୍ଥନ କମୁଥିବା ଲକ୍ଷ୍ୟ କରାଯାଉଛି । ପାଖେଇ ଆସୁଛି ପୌର ନିର୍ବାଚନ । ଯଦି ଗଣେଶ ନିଜର ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ନଆଣନ୍ତି ତେବେ ପୌର ନିର୍ବାଚନ ତାଙ୍କ ପାଇଁ ଭିଡ଼ ହେବା ନିଶ୍ଚିତ ।

# ଗେରୁଆ ହେଉଛି ବିଜେଡିର କଟକ ଦୁର୍ଗ




କଟକ ଥିଲା ବିଜୁ ଜନତା ଦଳ (ବିଜେଡି)ର ଅଭେଦ୍ୟ ଦୁର୍ଗ । ଦଳର ପ୍ରତିଷ୍ଠାତା ବିଜୁ ପଟ୍ଟନାୟକଙ୍କ ଜନ୍ମସ୍ଥଳୀ ଥିବା ଏହି ସହରରେ ବିଜେଡିର ପକଡ଼ ଗଭୀର ଥିଲା। କିନ୍ତୁ ଏବେ ସେହି ଦୁର୍ଗର ଦେୱାଲ ଫାଟିବାର ଲକ୍ଷଣ ସ୍ପଷ୍ଟ ହେଉଛି। ରାଜନୈତିକ ପରିବର୍ତ୍ତନର ବଡ଼ ଢେଉ ଆସୁଛି ଏବଂ କଟକ ଗେରୁଆ ରଙ୍ଗରେ ରଞ୍ଜିତ ହେବାର ସମ୍ଭାବନା ଦେଖାଯାଉଛି।

୨୦୨୪ ନିର୍ବାଚନ ପରେ ଏହି ପରିବର୍ତ୍ତନ ଆହୁରି ସ୍ପଷ୍ଟ ହୋଇଛି। କଟକ ଲୋକସଭା ଆସନରେ ଭାଜପା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଜୟଲାଭ କରିଛନ୍ତି। ଏହା ବିଜେଡିର ପାରମ୍ପରିକ ଘାଟିରେ ପ୍ରଥମ ବଡ଼ ଆଘାତ ଥିଲା । କଟକ ସଦର ଏବଂ ଖଣ୍ଡପଡ଼ା ବିଧାନସଭା ଆସନ ମଧ୍ୟ ଭାଜପାର ଦଖଲକୁ ଯାଇଛି । ଏହି ଦୁଇ ଆସନ ବିଜେଡିର ମଜବୁତ ଘାଟି ଥିଲା।


କିନ୍ତୁ ନିର୍ବାଚନ ପରିଣାମ ଦେଖାଇଛି ଯେ, ଜନତାର ମନ ବଦଳିଛି। ବିଜେଡି ନେତା ଦେବୀପ୍ରସାଦ ମିଶ୍ର ବଡ଼ମ୍ବା ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟ କୁମାର ଦଳବେହେରାଙ୍କ ପାଖରୁ ପରାଜିତ ହୋଇଛନ୍ତି। ସେହି ସ୍ୱାଧୀନ ବିଧାୟକ ଆଗାମୀ ନିର୍ବାଚନରେ ଭାଜପା ଟିକେଟରୁ ଲଢ଼ିବାର ସମ୍ଭାବନା ରହିଛି। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ରାଜା ସ୍ୱାଇଁ) ଭାଜପା ପ୍ରାର୍ଥୀଙ୍କ ବିରୋଧରେ ସଂକୀର୍ଣ୍ଣ ବ୍ୟବଧାନରେ ଜୟଲାଭ କରିଛନ୍ତି। କିନ୍ତୁ ଏବେ ରାଜା ସ୍ୱାଇଁ ଭାଜପାର ଉପ ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓଙ୍କ ସମୁଦି (ସମ୍ପର୍କୀୟ) ହୋଇଛନ୍ତି। ରାଜା ସ୍ୱାଇଁ ମଧ୍ୟ ଅନେକବାର ଦଳ ପରିଚାଳନାକୁ ନେଇ ଅସନ୍ତୋଷ ଝାଡୁଛନ୍ତି। ଏହି ସମ୍ପର୍କ ଏବଂ ଅସନ୍ତୋଷ ବିଜେଡି ପାଇଁ ଚିନ୍ତାର କାରଣ ହୋଇଛି। ରାଜନୈତିକ ମହଲରେ ଥୋକେ ଚର୍ଚ୍ଚା କରୁଛନ୍ତି, ରାଜା ସ୍ୱାଇଁ ଭାଜପା ଆଡ଼କୁ ଢ଼ଳିପାରନ୍ତି । କିନ୍ତୁ ରାଜା ବିଜେପିର ଜଣେ କଟ୍ଟର ସମାଲୋଚକ ହୋଇଥିବାରୁ ତାଙ୍କର ପାଖଲୋକମାନେ ଚର୍ଚ୍ଚାକୁ ବିଶ୍ୱାସ କରିପାରୁନାହାନ୍ତି। ହେଲେ ୨୦୨୯ରେ ରାଜାଙ୍କ ପୁଅ ମଇଦାନକୁ ଓହ୍ଲାଇବାର ସମ୍ଭାବନା ଥିବାରୁ ସେ କେଉଁ ଚିହ୍ନରେ ଲଢ଼ିବେ ତାହା ସମୟ ହିଁ କହିପାରିବ।

କଟକର ଅନ୍ୟ ନେତାଙ୍କ କ୍ଷେତ୍ରରେ ମଧ୍ୟ ଏହି ପରିବର୍ତ୍ତନ ଦେଖାଯାଉଛି। ଚୌଦ୍ୱାର-କଟକ ନେତା ପ୍ରଭାତ ବିଶ୍ୱାଳ ଏବଂ ତାଙ୍କ ପୁତ୍ର ସୌଭିକ୍ ବିଶ୍ୱାଳଙ୍କୁ ବିଜେଡି ନିଲମ୍ବିତ କରିଛି। ପ୍ରଭାତ ବିଶ୍ୱାଳ ଭାଜପାରେ ମିଶିବା ନିଶ୍ଚିତ ହୋଇଯାଇଛି। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମଧ୍ୟ ନିଲମ୍ବିତ ହୋଇଛନ୍ତି। ସେ ମଧ୍ୟ ବିଜେପିକୁ ଯିବା ପାଇଁ ଗୋଡ଼ଟେକି ବସିଛନ୍ତି। କେବଳ ପଦ ଚାଲିଯିବ ବୋଲି ସୌଭିକ ଓ ଦେବୀ ଏବେ ସିଧାସଳଖ ବିଜେପିରେ ମିଶିବେ ନାହିଁ। କିନ୍ତୁ ଗେରୁଆ ସଂଗଠନ କରିବେ ବୋଲି ଜାଣିବାକୁ ମିଳିଛି। ଏବେ କଟକର ସମସ୍ତ ସାତଟି ବିଧାନସଭା ଆସନ – କଟକ ସଦର, ଖଣ୍ଡପଡ଼ା, ବଡ଼ମ୍ବା, ଆଠଗଡ଼, ଚୌଦ୍ୱାର, ବାଙ୍କୀ ଏବଂ ବାରବାଟୀ କଟକ– ଗେରୁଆ ହେବାର ଆଶଙ୍କା ରହିଛି ।

ସେପଟେ ମହମ୍ମଦ ମୋକିମ 'ଓଡ଼ିଶା ଜନତା କଂଗ୍ରେସ' ଗଢ଼ିଥିବାରୁ କଂଗ୍ରେସର ଶକ୍ତି ହ୍ରାସ ପାଇବ। ତେବେ ଏହାର ଫାଇଦା ମୋକିମ୍ ନେବେ ନା ଅନ୍ୟ ଦଳ ତାହା ଏବେଠୁ କହିବା ମୁସ୍କିଲ୍। ଏହି ରାଜନୈତିକ ପରିବର୍ତ୍ତନର ପ୍ରଭାବ କଟକର ଉନ୍ନୟନ ଏବଂ ଜନସେବା ଉପରେ ପଡ଼ିବା ନିଶ୍ଚିତ । ବିଜେଡିର ଶାସନ କାଳରେ କଟକରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା । କିନ୍ତୁ ଏବେ ନୂତନ ଶକ୍ତିର ଉତ୍ଥାନ ସହ ନୂତନ ଆଶା ସୃଷ୍ଟିହୋଇଛି । ଏହା ଓଡ଼ିଶାର ରାଜନୀତିକୁ ନୂଆ ଦିଗନ୍ତ ଦେବ କି ନାହିଁ ତାହା ସମୟ କହିବ । କିନ୍ତୁ ଏବେ କଟକର ସମସ୍ତ ସାତଟି ଆସନ ଗେରୁଆ ହେବାର ଦିଗରେ ଅଗ୍ରସର ହେଉଛି ବୋଲି ସଂକେତ ମିଳୁଛି ।

**ଚିତ୍ତ ରଞ୍ଜନ ମହାନ୍ତି**
**ଦେଉଳ ସାହି, କଟକ**

## ପ୍ରଭାତଙ୍କ ଉପରେ ଭରସା ପାଉନି




କଟକ ରାଜନୀତିରେ ପ୍ରଭାତ ବିଶ୍ୱାଳ ଜଣେ ଦୃଢ଼ ସଂଗଠକ ଭାବେ ଜଣାଶୁଣା । ଦିନେ ବିଜେଡ଼ି ବିଜେଡ଼ି କହି ପାଣି ପିଉନଥିବା ପ୍ରଭାତ ଦିନେ ଦଳରୁ ବହିଷ୍କାର ହେବେବୋଲି କେହି ଭାବିନଥିଲେ। ସେହିପରି ବିଜେପି ସହ ଲମ୍ବା ଲଢ଼େଇ କରିଥିବା ପ୍ରଭାତଯେ, ପଦ୍ମପୋଖରୀରେ ବୁଡ଼ ପକାଇବେ ଏହା କେହି କଳନା କରିନଥିଲେ। କିନ୍ତୁ ସବୁ କଳ୍ପନାକୁ ଭୁଲ୍ ବୋଲି ପ୍ରମାଣିତ କରି ପ୍ରଭାତ ବିଜେପିରେ ମିଶିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କିନ୍ତୁ ପ୍ରଭାତଙ୍କ କିଛି ଅଙ୍କ ଏବେ ଗୋଳମାଳ ହୋଇଯାଇଛି। ସେ ଭାବିଥିଲେ, ତାଙ୍କ ସହ ତାଙ୍କର ପୂରା ସଂଗଠନ ବି ବିଜେପିରେ ମିଶିଯିବ। ଏନେଇ ସେ ପ୍ରାରମ୍ଭରୁ କନଫିଡେଣ୍ଟ ଥିଲେ। କିନ୍ତୁ ଏବେ ପ୍ରଭାତଙ୍କ ଅନେକ ସମର୍ଥକ ଓ କର୍ପୋରେଟରମାନେ ବିଜେପିକୁ ଯିବା ପାଇଁ ଅମଙ୍ଗ। ସେମାନେ ପ୍ରଭାତଙ୍କ ସହ ରହିବେ, ହେଲେ ବିଜେପିରେ ମିଶିବେନି ବୋଲି ରୋକଠୋକ୍ କହିଛନ୍ତି। କାହିଁକିନା ପ୍ରଭାତ ସିନା ନିଜ ପାଇଁ କିମ୍ବା ପୁଅଙ୍କ ପାଇଁ ବିଜେପିରୁ ଟିକେଟ୍ ନେଇଯିବେ ହେଲେ ସେମାନଙ୍କ ଟିକେଟ ନିଶ୍ଚିତ ହେବ ବୋଲି ଗ୍ୟାରେଣ୍ଟି କିଏ ଦେବ ? ଏମିତିକି କଟକ ବିଜେପି ରାଜନୀତି ବାରମ୍ବାର କଡ଼ ଲେଉଟାଉଥିବାରୁ ସେମାନେ ପ୍ରଭାତଙ୍କ ଗୋଟିଚାଳନା ଉପରେ ଶତ ପ୍ରତିଶତ ଭରସା କରିପାରୁନାହାନ୍ତି। ବାରବାଟୀ-କଟକ କର୍ପୋରେଟରମାନେ ଏବେ ବିଜେଡ଼ି ସହ ଥିବାବେଳେ ଚାରି ଜଣ କର୍ପୋରେଟର ପ୍ରଭାତ ତ୍ରିପାଠୀଙ୍କ ସହ ରହିଛନ୍ତି। ସେପଟେ କର୍ପୋରେଟର, ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦମାନଙ୍କୁ ମିଶାଇବାକୁ ବିଜେପି ପକ୍ଷରୁ କୁହାଯାଇଛି। ସାଧାରଣ ଭୋଟରଙ୍କ ଅପେକ୍ଷା ନେତାଙ୍କୁ ମିଶାଇବା ପାଇଁ ବିଜେପି କହିଥିବାରୁ ପ୍ରଭାତ ଏବେ ଝାଳନାଳ ହୋଇ ରୁଦ୍ଧଦ୍ୱାର ବୈଠକ କରୁଛନ୍ତି । ଦେଖାଯାଉ ସେ କେତେ ସଫଳ ହେଉଛନ୍ତି ?

## ପ୍ରତାପ, ସୁବାସଙ୍କ ହାତରେ ବିଜେଡି

କଟକ ସହରରେ ବିଜେଡି ଏବେ ଦ୍ୱନ୍ଦ୍ୱରେ। ବିଜେପିର ଶକ୍ତି ବଢ଼ୁଥିବା ବେଳେ ପ୍ରଭାତ ବିଶ୍ୱାଳ ଓ ପ୍ରଭାତ ତ୍ରିପାଠୀଙ୍କ ରୋଷ ଦଳକୁ ଅକଳରେ ପକାଇଦେଇଛି । ଦଳକୁ ରକ୍ଷା କରିବା ପାଇଁ କଟକ ଚୌଦ୍ୱାର ବିଜେଡିର ଦାୟିତ୍ୱ ନେଇଛନ୍ତି ବରିଷ୍ଠ ନେତା ପ୍ରତାପ ଜେନା । ପ୍ରଭାତ-ସୌଭିକଙ୍କ ରଣନୀତିକୁ ଫେଲ୍ କରିବା ପାଇଁ ପ୍ରତାପ ଦିନରାତି ଏକ କରି ଦେଇଛନ୍ତି । ଆଉ ବାରବାଟୀ କଟକରେ ଦଳର ମଙ୍ଗ ଧରିଛନ୍ତି ମେୟର ସୁବାସ ସିଂ । କର୍ପୋରେଟର୍ ମାନଙ୍କୁ ଏକାଠି ରଖିବା ପାଇଁ ସେ ଅହରହ ଉଦ୍ୟମ କରୁଛନ୍ତି । ଏସବୁ ଭିତରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ନିରବରେ ବସିରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି । କଟକର ଏହି ସରଗରମ୍ ରାଜନୀତି ଭିତରେ ସୁବାସ ଓ ପ୍ରତାପ ବିଜେଡିର ଦୁର୍ଗ ରକ୍ଷା କରି ପାରୁଛନ୍ତି ନା' ଦୁଇ ପ୍ରଭାତ ବିଜେଡି ଗଡ଼ରେ ସବୁଜ ପତାକା ଫିଙ୍ଗି ଗେରୁଆ ପତାକା ଲଗାଇବେ ତାହା ଦେଖିବାକୁ ବାକି ରହିଲା ।





**ମହାମୂର୍ଖ ଉବାଚ**



| ଡ଼ଃ କୁଳାଙ୍ଗାର |

# ଏଇଠି ସେଇଠି ସବୁଠି ଯୁଦ୍ଧ

ବଙ୍ଗଳା, ତାମିଲ, କେରଳ ଏବଂ
ଆସାମରେ ନିର୍ବାଚନ;
ଭାଷଣର ବୋମା, ମାଗଣାସ୍ତ୍ର ଓ
ଅଭିଯୋଗ ଘନଘନ!
ଏଣ୍ଡିଏ ଓ ଇଣ୍ଡି ଜନ,
ହଉଛନ୍ତି ଯାହା ଭୋଟ ନୁହଁ ତ
ମହାସମର ଏ ମାନ!!

ଖାଉଟି ବିଚରା ସକାଳ ପାଅାନ୍ତେ
ଟାଙ୍କୁ ଦୁଇଟାକୁ ଟେକି;
ଡିପୋ ଆଗେ ଲାଇନିରେ ପଡ଼ିଅଛି
ନବାକୁ ଗ୍ୟାସ ଟାଙ୍କି!
ଦଲାଲ ବଇଚି ଟାକି,
ଯୁଦ୍ଧ ଚାଲିଅଛି ଘରୋଇ ଗ୍ୟାସକୁ
ହୋଟେଲେ ନେବାକୁ ଟେକି!!

ଆମେରିକା - ଇସ୍ରାଏଲ ମେଳ ହୋଇ
ଇରାନକୁ ଦେଲେ ମାଡ଼;
ପାଲଟା ଜବାବ ଦେଖି ଦେଇ ତାର
ଛାତି ହେଲା ଧଡ଼ଧଡ଼ !
ତୈଳ, ଗ୍ୟାସରୋକ ଦାଢ଼,
ଯୁଦ୍ଧ ସେଠି ହେଲେ ସବୁ ଘରେ
ଏବେ ଯୁଦ୍ଧ ପାଇଁ ଗଡ଼ବଡ଼!!

ଏ ଦଳର ଘୋଡା ସେ ଦଳ କୋଳରେ
ଚାଖନ୍ତି କ୍ଷମତା ସ୍ୱାଦ;
ଉପରୁ ପ୍ରେସର ସବୁଆଡେ ତାଙ୍କୁ
ସମର୍ଥନ ଗୁଡା ଖୁନ୍ଦ!
କାଲି ଖୋଲୁଥିଲା ବିନ୍ଧ,
ଗୋଟିଏ ଦଳରେ ଏକାଧିକ ମୁଣ୍ଡି
ଜମୁଅଛି ନେତା ଯୁଦ୍ଧ!!

ଦିଦି ରହିବେ କି ଯିବେ ବଙ୍ଗଳାରେ
ଫୁଲ ହଜାଉଛି ନିଦ;
ବାଘୁଣୀ ପରି ସେ ଲଢୁଛନ୍ତି ପୁଣି
କରି ଆଞ୍ଚଳିକବାଦ!
ପାଇ ପ୍ରଚାରକ ପଦ,
ଓଡ଼ିଆ ନେତାଏ ପଦାତିକ ସାଜି
ଯାଇଛନ୍ତି କରି ଯୁଦ୍ଧ!!

ଜିନିଷ ପତ୍ରର ଦର ବଢ଼ିବାରୁ
ସ୍ୱାମୀମାନେ ଛଟପଟ;
ବାଧ ହୋଇ ସିଏ କ୍ରୟ ବଜେଟରେ
କରୁଛନ୍ତି ଖର୍ଚ୍ଚକାଟ!
ଘରଣୀଙ୍କ କେଁଏ-କଟ,
କାଠ, ଶୁଖା, କାମ୍ପି, ଗଣ୍ଡି ନାମ
ଦେଇ କରୁଛନ୍ତି ଝିନଝଟ!!

କିଏ ସେ ଜିତିବ କିଏ ସେ ହାରିବ
ବଡ଼ କଥା ହୋଇ ନାହିଁ;
କିଏ ସେ ଯୁଦ୍ଧକୁ ରୋକି ଯେ ପାରିବ
ବିଜୟୀ ହୋଇବ ସେହି!
ସେମିତି ମଣିଷ କାହିଁ,
ମହାମୂର୍ଖ କହେ ସବୁ ପଶୁ ଏଠି
ଜନମ ଲଢ଼ିବା ପାଇଁ!!


**ପ୍ରଭାତୀ ଚାହିଁଲେବି**

# କାହିଁକି ବିଦା ହେଉନାହାନ୍ତି ସମୀର ?

ନିମାପଡ଼ାରେ ଏବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ମଧ୍ୟରେ ଶୀତଳଯୁଦ୍ଧ ଉଗ୍ର ରୂପ ନେବାରେ ଲାଗିଛି । ପ୍ରଭାତୀଙ୍କୁ ଟକ୍କର ଦେଇ ସମୀର ଏବେ ବିଜେପି ସଂଗଠନ କରୁଛନ୍ତି । ଯାହାକୁ ନେଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ବିଜେପିର ନିୟମ ଅନୁଯାୟୀ, ବିଧାୟକମାନେ ହିଁ ନିଜ ନିର୍ବାଚନମଣ୍ଡଳୀର ସାଂଗଠନିକ ଦାୟିତ୍ୱ ସମ୍ଭାଳିବେ । ଅତଏବ ନିମାପଡ଼ା ବିଜେପି ସଂଗଠନର ପ୍ରକୃତ ମଙ୍ଗୁଆଳ ହେଉଛନ୍ତି ପ୍ରଭାତୀ । କିନ୍ତୁ ସମୀର ବାରମ୍ବାର ପ୍ରଭାତୀଙ୍କୁ ଚେକ୍ ଦେଉଥିବାରୁ ବିଜେପି ଶିବିରରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଭାତୀ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ସଭାପତି ମନମୋହନ ସାମଲଙ୍କ ସହ କଥା ହୋଇ ସାରିଛନ୍ତି । ସମୀର ଦଳବିରୋଧୀ କାର୍ଯ୍ୟକରୁଥିବାର ଅନେକ ପ୍ରମାଣ ସେ ରାଜ୍ୟ ସଭାପତିଙ୍କୁ ଦେଇ ସାରିଛନ୍ତି ।


ପ୍ରଭାତୀ କହିବା ପରେ ବି ସମୀର କାହିଁକି ବିଦା ହେଉନାହାନ୍ତି ତାହାକୁ ନେଇ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଯାଇଛି । ବିଜେପି ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ସମୀରଙ୍କୁ ଦଳରୁ ବିଦା କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଛି । ଆଭିମୁଖ୍ୟ ନବଦଳାଇଲେ ସମୀରଙ୍କ ବିରୋଧରେ ଦଳୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ହେଲେ କେତେକ ରାଜନୀତିକ ଅଙ୍କ ଗଡ଼ବଡ଼ ହୋଇଯିବା ଆଶଙ୍କାରେ ମନମୋହନ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ବିଳମ୍ବିତ କରୁଛନ୍ତି । ସମ୍ପ୍ରତି ରାଜ୍ୟସଭା ନିର୍ବାଚନରେ ବିଜେଡ଼ି ଓ କଂଗ୍ରେସର ଅନେକ ବିଧାୟକ କ୍ରସ୍ ଭୋଟିଂ କରିଛନ୍ତି । ସେମାନେ ବିଜେପିରେ ସାମିଲ୍ ହେବେବୋଲି ଖସଡ଼ା ପ୍ରସ୍ତୁତ ହୋଇଛି । ଯଦି ସମୀରଙ୍କୁ ଦଳ ଏବେ ନିଲମ୍ବିତ କରେ ତେବେ ଅନ୍ୟ ଦଳର ନେତା ବିଜେପିରେ ସୁରକ୍ଷିତ ନୁହଁନ୍ତି ବୋଲି ଏକ ବାର୍ତ୍ତା ଯିବ । ଫଳରେ ଆଗାମୀ ଦିନରେ ବିଜେପିକୁ ବିଜେଡ଼ି ବା କଂଗ୍ରେସ ନେତା ଆସିବାକୁ ଅମଙ୍ଗ ହେବେ । ତେଣୁ ସମୀରଙ୍କ ଉପରେ ରାଜ୍ୟ ବିଜେପି ଏବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ସୁଧୁରି ଯିବାକୁ ସୁଯୋଗ ଦେଇଛନ୍ତି । ସମୀର ଯାହାସବୁ କରୁଛନ୍ତି ସେନେଇ ତଥ୍ୟ ଦେବାକୁ ଜିଲ୍ଲା ସଭାପତିଙ୍କୁ କୁହାଯାଇଛି । ବିଜେପି ବ୍ୟାନରରେ ସମୀର ସଂଗଠନ କରୁଥିଲେବି ମୂଳ ବିଜେପି କାର୍ଯ୍ୟକର୍ତ୍ତାମାନେ ତାଙ୍କ ସହ ଯାଉନାହାନ୍ତି । ପୁରୁଣା ବିଜେଡ଼ି ଲୋକଙ୍କୁ ଧରି ସମୀର ନିମାପଡ଼ାରେ ନିଜର ଅସ୍ତିତ୍ୱ ବଞ୍ଚାଇବାକୁ ଚାହୁଁଛନ୍ତି । ସେହିପରି ବିଜେଡ଼ି ମଧ୍ୟ ଆଉ ସମୀରଙ୍କୁ ଫେରାଇ ନେବାକୁ ଚାହୁଁନାହିଁ । ଇତିମଧ୍ୟରେ ବିଜେଡ଼ି ସୁବ୍ରତ ଛାଟୋଇଙ୍କୁ ନିମାପଡ଼ା ଦାୟିତ୍ୱ ଦେଇଛି । କଂଗ୍ରେସକୁ ସତ୍ୟବ୍ରତ ପାତ୍ର ଫେରିଯାଇଥିବାରୁ ସମୀରଙ୍କର ସେଠାରେ ବି ସ୍ଥାନ ନାହିଁ । ଏପଟେ ସମୀରଙ୍କ କଥା ନଶୁଣିବାକୁ ବିଡ଼ିଓ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଜେଡ଼ି ଓ କଂଗ୍ରେସରେ ସୁଯୋଗ ନଥିବାରୁ ସମୀର ଧିରେଧିରେ ନରମି ଯିବେବୋଲି ଦଳ ଅଙ୍କ କଷୁଛି । ଯଦି ସମୀର ନିଜର ଆଭିମୁଖ୍ୟ ନବଦଳାଇ ପ୍ରଭାତୀଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେବେ ତାଙ୍କୁ ନିଲମ୍ବନ ନୁହେଁ ଦଳରୁ ବହିଷ୍କୃତ କରାଯିବ ବୋଲି ଜଣେ ବିଜେପି ନେତା ସୂଚନା ଦେଇଛନ୍ତି ।





# ବିଧାୟକ ଫୁଟାଇଲେ ଗୁଳି ପିଏସ୍‌ଓ ପଡ଼ିଲେ ବଳି

ଆଜ୍ଞା, ଏ ହାତ ପାପ, ସେ ହାତ ନିଏନି ବୋଲି ଯିଏ ଲେଖିଥିଲେ ମୁଁ ତାଙ୍କୁ ଏବେ ଖୋଜୁଛି। କାଇଁ ଖୋଜିବିନି କହୁନାହାନ୍ତି, ଟିଟିଲାଗଡ଼ ବିଧାୟକ ନବୀନ ଜୈନ ସମସ୍ତଙ୍କ ସାମ୍ନାରେ ବନ୍ଧୁକ ଫୁଟାଇଲେ। ଆକାଶକୁ ଗୁଳି ଛାଡ଼ିଲେ। ପୁଲିସ୍ ବି ତାଙ୍କ ନାମରେ ମାମଲା କଲା। ହେଲେ ପିଏସଓ ନିଲମ୍ବିତ ହେଲେ। ପିଏସଓଙ୍କର ତ ଶହେ ପ୍ରତିଶତ ଭୁଲ୍ ଅଛି, ଏକଥା ଆମେ ମାନୁଛୁ । ହେଲେ ବିଧାୟକ କ'ଣ ପଣ୍ଡିତ ପୁଅ ? ତାଙ୍କ ଉପରେ କାହିଁକି କିଛି ଆକ୍ସନ ହେଲାନି ବୋଲି ସୋସିଆଲ ମିଡ଼ିଆରେ ଲୋକେ ପଚାରୁଛନ୍ତି। ଅବଶ୍ୟ ବିଧାୟକ ଗଳାବାଟ ଦେଇ ଖସିଯିବାକୁ ଯୋଜନା କରିଥିଲେ। ଭାବିଥିଲେ, ସରକାରୀ ଦଳ ବିଧାୟକ। ତେଣୁ ମିଛ କହି ବାଆଁରେଇ ଖସିଯିବେ। ମିଡ଼ିଆ ଆଗରେ କହିଲେ, ସେଇଟା ଖେଳଣା ବନ୍ଧୁକ । ସେ ନକଲି ପିସ୍ତଲ ଫୁଟାଇ ଲୋକଙ୍କୁ ଉତ୍ସାହିତ କରୁଥିଲେ। ଆଜ୍ଞା, ରାମନବମୀରେ ଧନୁତୀର ଧରି କି ଖଣ୍ଡା ବୁଲାଇ ନାଚିଥିଲେ ସିନା ଲୋକେ ଉତ୍ସାହିତ ହୋଇଥା'ନ୍ତେ, ହେଲେ ଗୁଳି ଫୁଟାଇ ଲୋକଙ୍କୁ ଉତ୍ସାହିତ କରୁଥିଲେ ନା ଭୟଭୀତ ? ସେ ଯାହାହେଉନା କାହିଁକି ବଲାଙ୍ଗୀର ଏସପି ଅଭିଳାଷ କିନ୍ତୁ ନବୀନଙ୍କ ମିଛ ପଦାରେ ପକାଇ ଦେଇଛନ୍ତି। ବିଧାୟକ ଧରିଥିବା ବନ୍ଧୁକ ଅସଲି ବୋଲି ଏସପି କହିସାରିଛନ୍ତି। ସେଇଥିପାଇଁ ପରା ପିଏସଓ ପ୍ରେମଚନ୍ଦ ନାଗଙ୍କୁ ସେ ନିଲମ୍ବନ ପେଡ଼ି ଭିତରେ ପୂରାଇ ଦେଇଛନ୍ତି। ଦେଖାଯାଉ, ନବୀନଙ୍କ ବିରୋଧରେ ପୁଲିସ୍ କି ଆକ୍ସନ ନେଉଛି ? ଅବଶ୍ୟ ସବୁକିଛି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ହିଁ ନିର୍ଭର କରେ।



# ଧର୍ମେନ୍ଦ୍ର ପାୱାରଫୁଲ୍

ଆଜିକାଲି ଓଡ଼ିଶାରେ ଚର୍ଚ୍ଚା ହେଉଛି, ଏକଦା ରାଜ୍ୟ ବିଜେପିର ପୋଷ୍ଟର ବୟ ସାଜିଥିବା ଧର୍ମେନ୍ଦ୍ର ପ୍ରଧାନ କୁଆଡ଼େ ପାୱାରଲେସ୍ ହୋଇଯାଇଛନ୍ତି। ମୋହନ-ମନମୋହନଙ୍କ ଯୋଡ଼ି ତାଙ୍କୁ କୋଣଠେସା କରିଦେଇଛନ୍ତି। ଅବଶ୍ୟ ରାଜ୍ୟ ବିଜେପିର ଅଧିକାଂଶ ବିଧାୟକ ଓ ମନ୍ତ୍ରୀ ହେଉଛନ୍ତି ଧର୍ମେନ୍ଦ୍ରଙ୍କ ଅନୁଗତ। ତେବେ ସେ ଯାହାହେଉନା କାହିଁକି, ଇଣ୍ଡିଆନ୍ ଏକ୍ସପ୍ରେସ୍ ଦ୍ୱାରା ପ୍ରକାଶିତ ଦେଶର ପାୱାର ଲିଷ୍ଟରେ ଧର୍ମେନ୍ଦ୍ର ୨୮ ନମ୍ବର ସ୍ଥାନରେ ରହିଛନ୍ତି। ଏକମାତ୍ର ଓଡ଼ିଆ ଭାବେ ସେ ଏହି ତାଲିକାରେ ସ୍ଥାନ ପାଇବାର ସୌଭାଗ୍ୟ ହାସଲ କରିଛନ୍ତି। ଏହି ତାଲିକାରେ ମୋଦି, ଶାହ, ଭାଗବତ, ରାଜନାଥ, ଅଶ୍ୱିନୀ, ନିର୍ମଳା ଉପରେ ରହିଛନ୍ତି । ନୂଆ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ, ଉତ୍ତରପ୍ରଦେଶ, ହରିୟାଣା ଓ ବିହାର ନିର୍ବାଚନ ଆଦିର ସଫଳତା ପାଇଁ ଧର୍ମେନ୍ଦ୍ରଙ୍କୁ ପାୱାରଫୁଲ ତାଲିକାରେ ସ୍ଥାନ ମିଳିଛି । ଅବଶ୍ୟ ଧର୍ମେନ୍ଦ୍ର ପ୍ରଥମଥର ପାଇଁଯେ, ଦେଶର ପାୱାରଫୁଲ୍ ତାଲିକାରେ ସ୍ଥାନ ପାଇଛନ୍ତି ତାହାନୁହେଁ, ୨୦୧୪ରୁ ସେ ବହୁବାର ଇଣ୍ଡିଆନ୍ ଏକ୍ସପ୍ରେସ, ଇଣ୍ଡିଆ ଟୁଡ଼େ ଓ ଅନ୍ୟ ସଂସ୍ଥା ଦ୍ୱାରା ପ୍ରକାଶିତ କ୍ଷମତାଶାଳୀ ଭାରତୀୟ ତାଲିକାରେ ସ୍ଥାନ ପାଇ ଆସୁଛନ୍ତି । ଓଡ଼ିଶାର ଟେକ ରଖିଥିବାରୁ ତାଙ୍କୁ ଅଭିନନ୍ଦନ ।



# ଲଳିତଙ୍କ ଦବଙ୍ଗଗିରି

ରାଜନଗର ବିଜେପି ନେତା ଲଳିତ ବେହେରା ଏବେ ବେଶ୍ ଚର୍ଚ୍ଚାରେ ଅଛନ୍ତି। ବିଧାୟକ ସିନା ହୋଇନାହାନ୍ତି, ହେଲେ ତାଙ୍କ ଦବଙ୍ଗଗିରି ଦେଖି ପ୍ରଶାସନିକ ମହଲରେ କୋକୁଆ ଭୟ ଖେଳିଯାଇଛି । କିଛି ମାସ ତଳେ ସେ ରାଜନଗରର ମହିଳା ବିଡ଼ିଓଙ୍କ ଅଫିସରେ ହଙ୍ଗାମା କରିଥିଲେ। ଲାପ୍‌ଟପ୍ ଉଠାଇ ମାରିବାକୁ ବି ଉଦ୍ୟମ କରିଥିଲେ । ସାରା ରାଜ୍ୟରେ ଏହା ଆଲୋଡ଼ନ ସୃଷ୍ଟି କରିଥିଲା। ହେଲେ ବିଜେପି ସଭାପତି ମନମୋହନ ସାମଲଙ୍କ ସହ ଘନିଷ୍ଠ ସମ୍ପର୍କ ଥିବାରୁ ତାଙ୍କର କେହି ବଙ୍କା ବି କରିପାରିଲେନି ବୋଲି ଲୋକେ କହୁଛନ୍ତି । ଏବେ ଜଣେ ବନଖଣ୍ଡ ଅଧିକାରୀଙ୍କୁ ହଲାପଟା କରିଛନ୍ତି ଲଳିତ । ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଚିଙ୍ଗୁଡ଼ି ଘେରି ଭଙ୍ଗା ଯାଉଛି । ଏମିତିବି ଭିତରକନିକା ଭିତରେ ଚିଙ୍ଗୁଡ଼ି ଘେରି ହେବାକଥା ନୁହେଁ । ହେଲେ ଚିଙ୍ଗୁଡ଼ି ଘେରି ଭାଙ୍ଗୁଥିବା ଏସିଏଫଙ୍କୁ ସେ ଧମକ ଦେବା ସହ ଘେରି ଭାଙ୍ଗିବାକୁ ଦେବେନି ବୋଲି ସିଧାସିଧା କହିଥିଲେ। ସେଥିପାଇଁ ଲୋକେ କହୁଛନ୍ତି, ବିଧାୟକ ନହୋଇ ଏତେ, ବିଧାୟକ ହୋଇଥିଲେ କେତେ?



Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH
Bureau Head: BHABANI PRASAD DAS